### ନୂଆପଡ଼ାରେ ନକଲି ମଦ କରବାର

# ମାଷ୍ଟରମାଇଣ୍ଡ ସମ୍ବଲପୁରରୁ ଗିରଫ

**ନୂଆପଡ଼ା/ଖଡ଼ିଆଲ, ୧।୩(ସମିସ)**

ନୂଆପଡ଼ା ଜିଲ୍ଲା ଖଡ଼ିଆଲ ଥାନା ଅନ୍ତର୍ଗତ ଡୁଆଝର ସାଲେପଡ଼ା ଠାରେ ଗତକାଲି ଅବକାରୀ ବିଭାଗ ଚଢ଼ଉ କରି ବିପୁଳ ପରିମାଣରେ ନକଲି ମଦ ଜବତ କରିବା ସହ ସୁନିଲ ମେହେର ନାମକ ଜନୈକ ଯୁବକଙ୍କୁ ଗିରଫ କରିଛି। ଏହି ନକଲି ମଦ କାରବାରର ଚେର ସମ୍ବଲପୁର ପର୍ଯ୍ୟନ୍ତ ମାଡିଥିବା ତଦନ୍ତରୁ ଜଣାପଡ଼ିଛି। ଏହି ନକଲି ମଦ କାରବାରର ମାଷ୍ଟର ମାଇଣ୍ଡ ସମ୍ବଲପୁରରେ ରହି ନକଲି ମଦରେ ବ୍ୟବହାର ହେଉଥିବା ବିଭିନ୍ନ ସାମଗ୍ରୀ ଯୋଗାଉଥିବା ସାମ୍ନାକୁ ଆସିଛି। ନୂଆପଡ଼ା ଅବକାରୀ ଅଧୀକ୍ଷକ ସଙ୍ଘମିତ୍ରା ପ୍ରଧାନଙ୍କ ନେତୃତ୍ୱରେ ଏସଆଇ ଗୁପ୍ତେଶ୍ୱର ପଟେଲଙ୍କ ସହ ଏକ ଟିମ ସମ୍ବଲପୁର ସ୍ଥାନୀୟ ଅବକାରୀ ବିଭାଗର ସହଯୋଗକ୍ରମେ ସମ୍ବଲପୁର ସହରରେ ଥିବା ମାଷ୍ଟର ମାଇଣ୍ଡ ବିହାର ରାଜ୍ୟ ରୋହାତସ ଜିଲ୍ଲା କରକଟାଗୁରାରୀ ଥାନା ଅନ୍ତର୍ଗତ ସକଲାଗଲି ଗ୍ରାମର ବିକାଶ କୁମାର (୨୪) ଙ୍କୁ ଗିରଫ କରିଛି। ତା ନିକଟରୁ ଓଡ଼ି ୦୯-ଜେ ୦୩୭୪ ଏକ ବାଇକ ଓ ଏକ ମୋବାଇଲ ଫୋନ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ନୂଆପଡ଼ା ଅବକାରୀ ଅଫିସକୁ ଆଣି ଜେରା କରିବା ସହ ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛନ୍ତି। ତାଙ୍କଠାରୁ ୮୪୯୧ଟି କମ୍ପାନୀ ଲେବଲ, ୧୧୦୦କର୍କ, ୧୩୦ପିସ ଇଏଏଲ ଜବତ କରାଯାଇଛି। ପ୍ରକାଶ ଯେ ନୂଆପଡ଼ା ଜିଲ୍ଲା ବାହାର ରାଜ୍ୟର ଯୁବକମାନେ ପହଞ୍ଚି ଜିଲ୍ଲାର ବିଭିନ୍ନ ସ୍ଥାନରେ ନକଲି ମଦ ତିଆରି କରି ବିକ୍ରି କରୁଥିବା ବେଳେ ଅବକାରୀ ବିଭାଗ କିଛି ସ୍ଥାନରେ ଚଢ଼ଉ କରି ନକଲି ମଦ ଜବତ କରିବା ସହ ସମ୍ପୃକ୍ତ ଲୋକଙ୍କୁ ଗିରଫ କରୁଛି। ବର୍ତ୍ତମାନ ମଧ ଜିଲ୍ଲାର ବହୁ ସ୍ଥାନରେ ବିହାର ରାଜ୍ୟର ଯୁବକମାନେ ଆସି ନକଲି ମଦ କାରବାରରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ଏପରିକି ଖୋଦ ଜିଲ୍ଲା ସଦର ମହକୁମା ସହ ଆଖପାଖ ଅଞ୍ଚଳରେ ବିଭିନ୍ନ ସମୟରେ ଏପରି ନକଲି ମଦ ତିଆରି କାରବାରରେ ସମ୍ପୃକ୍ତ ଲୋକ ଧରାପଡ଼ି ଜେଲ ଯାଉଛନ୍ତି। ପରବର୍ତ୍ତୀ ସମୟରେ ଜେଲରୁ ବାହାରି ପୁଣିଥରେ ଏଥିରେ ଲିପ୍ତ ରହୁଛନ୍ତି। ତେଣୁ ନିୟମରେ କିଛି କଡାକଡି କରାଯିବା ଜରୁରୀ ବୋଲି ମତ ପ୍ରକାଶ ପାଇଛି। ତେଣୁ ଏହା ଉପରେ କେବଳ ଯେ ଜିଲ୍ଲା ଅବକାରୀ ବିଭାଗ ନୁହେଁ ଜିଲ୍ଲାର ପୁଲିସ ବିଭାଗ ମଧ ବିଭିନ୍ନ ବିଦେଶୀ ମଦ ଦୋକାନ ଗୁଡ଼ିକୁ ଯାଞ୍ଚ କରିବା ଆବଶ୍ୟକ ବୋଲି ଜିଲ୍ଲାବାସୀ ଦାବି କରିଛନ୍ତି।



## ବିଦ୍ୟୁତ ସମସ୍ୟା ନେଇ ଗ୍ରାମବାସୀଙ୍କ ରାସ୍ତା ଅବରୋଧ



**ଲାଞ୍ଜିଗଡ଼, ୧।୩(ସମିସ):** ଲାଞ୍ଜିଗଡ଼ ବ୍ଲକରେ ବିଭିନ୍ନ ସମୟରେ ଅନେକ ସମସ୍ୟାକୁ ନେଇ ଲୋକେ ରାସ୍ତାକୁ ଓହ୍ଲାଉଥିବା ବେଳେ ଶୁକ୍ରବାର ଲାଖବାହାଲି ପଞ୍ଚାୟତ ଅନ୍ତର୍ଗତ କନ୍ଦସାର୍ଲି ଗ୍ରାମବାସୀ ବିଦ୍ୟୁତ ସମସ୍ୟାକୁ ନେଇ ବିଶ୍ୱନାଥପୁର ଠାରୁ କଲ୍ୟାଣସିଂହପୁର ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ସୂଚନା ମତେ କୁମାରଗୁଡାଠାରୁ କନ୍ଦସାର୍ଲି ଗାଁକୁ ସଂଯୋଗ କରୁଥିବା ବିଦ୍ୟୁତ ତାର ଗତ ୩ ମାସରୁ ଅଧିକ ସମୟ ହେଲା ଛିଣ୍ଡିଯାଇ ବିଦ୍ୟୁତ ସରବରାହ ବ୍ୟାହତ ହୋଇଛି। ଫଳରେ ଲୋକେ ଅନ୍ଧାରରେ ରହୁଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ବିଭାଗୀୟ କର୍ମଚାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ ଛିଣ୍ଡିଥିବା ତାରକୁ ସଂଯୋଗ କରୁନାହାନ୍ତି। ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ବୋର୍ଡ଼ ପରୀକ୍ଷା ଲାଗି ରହିଥିବା ବେଳେ ସେମାନେ ଅନ୍ଧାରରେ ପାଠ ପଢ଼ିବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ଏକତ୍ରିତ ହୋଇ ଆଜି ବାଧ ହୋଇ ରାସ୍ତା ଅବରୋଧ କରିଥିବା ପ୍ରକାଶ କରିଛନ୍ତି। ୩ ଘଣ୍ଟା ଧରି ଯାତାୟତ ବନ୍ଦ ପରେ ବିଦ୍ୟୁତ ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରାଇ ଛିଣ୍ଡିଥିବା ବିଦ୍ୟୁତ ତାର ସଂଯୋଗ କରିବା ପରେ ଲୋକେ ରାସ୍ତାରୁ ହଟିଥିଲେ। ୩ ଘଣ୍ଟା ପରେ ରାସ୍ତା ଅବରୋଧ ହଟିବାରୁ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା।

**୩ ଘଣ୍ଟା ଧରି ଯାତାୟାତ ଠପ୍**

## ପାକ୍ସ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**କୋମନା, ୧।୩(ସମିସ):** ଅଲ ଓଡ଼ିଶା ପ୍ୟାକ୍ସ ତଥା ଲ୍ୟାମ୍ପ୍ସ ଫେଡେରେସନର ଆହ୍ୱାନ କ୍ରମେ ୩ ଦଫା ଦାବି ପୂରଣ ନେଇ କୋମନା ବ୍ଲକର ପ୍ୟାକ୍ସ କର୍ମଚାରୀ ଶୁକ୍ରବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। କର୍ମଚାରୀଙ୍କ ୩ଟି ଦାବି ହେଉଛି ୨୭୦୮ କର୍ମଚାରୀଙ୍କୁ କ୍ୟାଡରଭୁକ୍ତ କରି ବଦଳି କରିବା, ଷଷ୍ଠ ବେତନ କମିଶନ ହାରରେ ପାଉଥିବା କର୍ମଚାରୀଙ୍କ ଡିଏ ୧୬୪ ପ୍ରତିଶତରୁ ୨୩୦ ପ୍ରତିଶତକୁ ବୃଦ୍ଧି କରିବା ଏବଂ ଷଷ୍ଠ ବେତନ କମିଶନ ହିସାବରେ ସପ୍ତମ ବେତନ କମିଶନକୁ ସମସ୍ତ ପ୍ୟାକ୍ସ ତଥା ଲ୍ୟାମ୍ପସରେ ତୁରନ୍ତ କାର୍ଯ୍ୟ କରିବା ଆଦି ଦାବି ରହିଛି। ଏ ନେଇ କର୍ମଚାରୀମାନେ ଶାଖା ପରିଚାଳକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।



## ଅବକାରୀ ଚଢ଼ଉ; ମଦ ଜବତ, ମହୁଲ ପୋଚ ନଷ୍ଟ

**ଚାରିଛକ, ୧।୩(ସମିସ):** ହରଭଙ୍ଗା ଥାନା ଅନ୍ତର୍ଗତ ଭାବପୁର ଗ୍ରାମ ନିକଟସ୍ଥ ଜଙ୍ଗଲରେ ଅବକାରୀ ସ୍କ୍ୱାଡ୍ ଚଢ଼ଉ କରି ୩ ଶହ କେଜି ମହୁଲ ପୋଚ ଜବତ କରିଛନ୍ତି। ସେହିପରି ପୁରୁଣାକଟକ ଥାନା ଅନ୍ତର୍ଗତ ଭୀମଖୋଲ ଗ୍ରାମରେ ଅବକାରୀ ବିଭାଗ ଚଢ଼ଉ କରି ୭ଲିଟର ଦେଶୀ ମହୁଲି ମଦ ଜବତ କରିଛି। ଘଟଣାରେ ତ୍ରିଲୋଚନ ଭୋଇଙ୍କ ନାମରେ ଏକ ମାମଲା ରୁଜୁ କରିଛି। କରଡ଼ି ଗ୍ରାମରେ ଚଢ଼ଉ କରି ୬୫୦ କେ. ଜି ମହୁଲ ପୋଚ ନଷ୍ଟ କରିଥିବା ବୌଦ୍ଧ ଅବକାରୀ ଇନସ୍ପେକ୍ଟର ସାଗରିକା ପ୍ରଧାନ ସୂଚନା ଦେଇଛନ୍ତି।



## 'ମୋ ଛୋଟ ସ୍କୁଲ'ର ପ୍ରଥମ ବାର୍ଷିକ ଉତ୍ସବ




**ବିନିକା, ୧।୩(ସମିସ):** ବିନିକା ଜଗନ୍ନାଥ ନଗରସ୍ଥିତ ସର୍ବୋଦୟ ଚାରିଟେବୁଲ ଟ୍ରଷ୍ଟ ତରଫରୁ ଖୋଲିଥିବା ମୋ ଛୋଟ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସୌମ୍ୟରଞ୍ଜନ ପୂଜାରୀଙ୍କ ସଂଯୋଜନାରେ ଏହି ସଭାରେ ଟ୍ରଷ୍ଟର ଡାଇରେକ୍ଟର ଅଶୋକ ପଣ୍ଡା ସ୍କୁଲର ପାଠ୍ୟକ୍ରମ ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଲକ୍ଷ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ଶିଶୁ ରୋଗ ବିଶେଷଜ୍ଞ ଡ଼ାକ୍ତର ରବୀନ୍ଦ୍ର ପଣ୍ଡା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ବିନିକା ମହିଳା ଜୁନିଅର କଲେଜର ଅଧ୍ୟାପିକା ବୈଜୟନ୍ତୀ ସାହୁ, ଏବିଇଓ ବସନ୍ତ ଭୋଇ, ମୁଖ୍ୟବକ୍ତା ଭାବେ ବିନିକା ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମଣ ମିଶ୍ର ଯୋଗ ଦେଇଥିଲେ। ସମାଜସେବା କ୍ଷେତ୍ରରେ 'ଏଚ ଟୁ' ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା। ସେହିପରି ପ୍ରଶାନ୍ତି ମ୍ୟାଡମଙ୍କ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମରେ ବିଭିନ୍ନ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ସ୍ୱର୍ଣ୍ଣଲତା ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୌଦାମିନୀ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ। କୁନି କୁନି ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ବେଦାନ୍ତ ଡେପୁଟି ସିଇଓଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଲାଞ୍ଜିଗଡ଼, ୧।୩(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଶୁକ୍ରବାର ବେଦାନ୍ତ ଲିମିଟେଡ଼ର ଡେପୁଟି ସିଇଓ ଗୋବିନ୍ଦ ଗୋପାଳ ପାଲ ଏବଂ ତାଙ୍କ ଧର୍ମପତ୍ନୀ ଶୁଭେସ୍ମା ପାଲଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବେଦାନ୍ତ ସିଇଓ ଶ୍ରୀ ପାଲ ଲାଞ୍ଜିଗଡ଼ରେ ଯୋଗଦାନ ପରେ ବିଭିନ୍ନ ଧାର୍ମିକ ସ୍ଥଳରେ ତାଙ୍କର ଅବଦାନ ଅତୁଳନୀୟ ଥିବାବେଳେ ଜଗନ୍ନାଥ ମନ୍ଦିର ନିର୍ମାଣରେ ହସ୍ତକ୍ଷେପ କରି ମନ୍ଦିର କାର୍ଯ୍ୟ ସମ୍ପୂର୍ଣ କରିଥିଲେ। ଲାଞ୍ଜିଗଡ଼ ହରିହର ସାଂସ୍କୃତିକ ସେବା ସମିତି ସଭାପତି ରାଜେନ୍ଦ୍ର ପ୍ରତାପ ସିଂ ଦେଓଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ବର୍ଦ୍ଧନା ପର୍ବରେ କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶିବାଜୀ ମାଝୀ, ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଲାଞ୍ଜିଗଡ଼ ବ୍ଲକ ବିଜେଡି ସଭାପତି ହିମାଦ୍ରୀ ପେଶନିଆ, ଲାଞ୍ଜିଗଡ଼ ରାଜା ସୁରେନ୍ଦ୍ର ପ୍ରତାପ ସିଂଦେଓ, ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେଶନିଆ, ହରିହର ସାଂସ୍କୃତିକ ସେବା ସମିତିର ସାଧାରଣ ସମ୍ପାଦକ କାମରାଜ ଦଳବେହେରା, କୋଷାଧ୍ୟକ୍ଷ ଚନ୍ଦ୍ରଧ୍ୱଜ ପେଶନିଆ, ଉପଦେଷ୍ଟା କମିଟି ପକ୍ଷରୁ ଅଶୋକ ପଟ୍ଟନାୟକ, ସୁବାସ ଅଗ୍ରୱାଲ, ପ୍ରଦୀପ ବହିଦାର, ଶ୍ରୀମୁଖ ଅଗସ୍ତି, କୃଷ୍ଣଚନ୍ଦ୍ର ମହାରଣା, ଲାଞ୍ଜିଗଡ଼ ପ୍ରେସକ୍ଲବ ସଭାପତି କୈଳାସ ସାହୁ ସମେତ ଲାଞ୍ଜିଗଡ଼ ପ୍ରେସ କ୍ଲବ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ଦିର ପ୍ରାଙ୍ଗଣରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## ବୌଦ୍ଧ ଜିଲ୍ଲାରେ ୭ ନକଲି ଶିକ୍ଷକ ବହିଷ୍କୃତ

**ବୌଦ୍ଧ, ୧।୩(ସମିସ):** ବୌଦ୍ଧ ଜିଲ୍ଲାରେ ୭ ଜଣ ନକଲି ଶିକ୍ଷକ ଚାକିରିରୁ ବହିଷ୍କୃତ ହୋଇଛନ୍ତି। ଏହି ନକଲି ଶିକ୍ଷକଙ୍କ ମଧ୍ୟରୁ ବୌଦ୍ଧ ବ୍ଲକ ଅନ୍ତର୍ଗତ ବାବଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀଶିକ୍ଷକ କାର୍ତ୍ତିକଚନ୍ଦ୍ର ଦଳେଇ, ଖମାରୀପଡା ଉଚ୍ଚପ୍ରାଥମିକ ବିଦ୍ୟାଳୟର ସହକାରୀଶିକ୍ଷକ ବିଦ୍ୟାଧର ପଲେଇ, ଗୁନ୍ଦୁଲିଆ ଉନ୍ନୀତ ଉଚ୍ଚବିଦ୍ୟାଳୟର ସହକାରୀ ଶିକ୍ଷକ ସୁଶାନ୍ତ ପ୍ରଧାନ, ପଉକା ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ କୁମରମଣି ଖିଲାର, ମନୁପାଲି ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସହକାରୀଶିକ୍ଷକ ଜୟାନନ୍ଦ ବାଗ, ଜୁରାମୁଣ୍ଡା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଶରତ ଡାକୁଆଙ୍କ ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଯୁକ୍ତ ଦୁଇ ସାର୍ଟିଫିକେଟ ନକଲି ବୋଲି ଜଣାପଡିଥିଲା। ସେହିପରି ବୌଦ୍ଧ ବ୍ଲକ ଅନ୍ତର୍ଗତ ପିଙ୍ଗଲାବେଡା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ମିନତୀ ମିଶ୍ରଙ୍କ ଓଟିଇଟି ସାର୍ଟିଫିକେଟ ଏବଂ ମାର୍କସିଟ ନକଲି ଥିବା ଜଣାପଡିଥିଲା। ଜିଲ୍ଲାରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଶିକ୍ଷାଗତ, ବୃତ୍ତିଗତ ଏବଂ ଅନ୍ୟାନ୍ୟ ପ୍ରମାଣପତ୍ର ବିଭିନ୍ନ ବୋର୍ଡ, ବିଶ୍ୱବିଦ୍ୟାଳୟ ଏବଂ ଅନୁଷ୍ଠାନକୁ ଯାଞ୍ଚ ପାଇଁ ପଠାଯାଉଥିବା ବେଳେ, ଏ ସମସ୍ତଙ୍କ ପ୍ରମାଣପତ୍ର ନକଲି ଥିବା ବିଷୟ ଗତ ୨୦୨୨ ସେପ୍ଟେମ୍ବରରୁ ୨୦୨୩ ଏପ୍ରିଲ ମଧ୍ୟରେ ତିନୋଟି ପର୍ଯ୍ୟାୟରେ ଜିଲ୍ଲା ଶିକ୍ଷା ବିଭାଗର ହସ୍ତଗତ ହୋଇଥିଲା। ଏ ସମସ୍ତ ନକଲି ଶିକ୍ଷକଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରୀ କରାଯିବା ସହ ତତ୍କାଳୀନ ବୌଦ୍ଧ ଗୋଷ୍ଠୀ ଶିକ୍ଷାଧିକାରୀ ଘନଶ୍ୟାମ ମେହେର ଗତ ବର୍ଷ ମେ ମାସରୁ ଜୁଲାଇ ମଧ୍ୟରେ ବୌଦ୍ଧ ଆଦର୍ଶ ଥାନାରେ ଦୁଇଟି ପର୍ଯ୍ୟାୟରେ ଏତଲା ଦେଇଥିଲେ। ପୁଲିସ ତରଫରୁ ଆଇନଗତ କାର୍ଯ୍ୟାନୁଷ୍ଠାନ ସୂଚନା ମିଳି ପାରି ନଥିବା ବେଳେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଏ ସମସ୍ତ ସାତ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବର୍ତ୍ତମାନର ଗୋଷ୍ଠୀ ଶିକ୍ଷାଧିକାରୀ ଉପେନ୍ଦ୍ର ପ୍ରଧାନ କାର୍ଯ୍ୟରୁ ବହିଷ୍କୃତ କରିଛନ୍ତି। ନକଲି ପ୍ରମାଣପତ୍ର ଜରିଆରେ ସରକାରୀ ଚାକିରି କରିବା ଏକ ଧର୍ତ୍ତବ୍ୟ ଅପରାଧ ହୋଇଥିବା ବେଳେ ନକଲି ଶିକ୍ଷକଙ୍କ ବିରୋଧରେ ଉପଯୁକ୍ତ ନ୍ୟାୟିକ ପ୍ରକ୍ରିୟା ମାଧ୍ୟମରେ ଦଣ୍ଡବିଧାନ ହେବା ସହ ଏମାନଙ୍କୁ ମିଳିଥିବା ବେତନ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରାପ୍ୟ ପ୍ରାବଧାନ ଅନୁସାରେ ରିକଭରି ହେବାର ଆବଶ୍ୟକତା ରହିଛି।

## ଲବଣୀଧର ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ

**ଭବାନୀପାଟଣା, ୧।୩(ସମିସ):** କଳାହାଣ୍ଡି ଜିଲ୍ଲାର ବିଜେଡି ଯୁବ ନେତା ଲବଣୀଧର ମହାନନ୍ଦ ରାଜ୍ୟ ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ ହୋଇଛନ୍ତି। ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ନିଯୁକ୍ତ କରିଥିବା ନେଇ ଏକ ପ୍ରେସ ବିବୃତିରେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସୂଚନା ଦେଇଛନ୍ତି। ଏହା ପୂର୍ବରୁ ସେ କଳାହାଣ୍ଡି ଜିଲ୍ଲା ବିଜୁ ଯୁବ ଜନତା ଦଳର ଲଗାତାର ୩ ଥର ସାଧାରଣ ସମ୍ପାଦକ ରହିଥିବା ବେଳେ ଜିଲ୍ଲା ବାହାର ଅନେକ ନିର୍ବାଚନମଣ୍ଡଳୀରେ ସଂଯୋଜକ ଭାବେ ଦାୟିତ୍ୱ ପାଇ ନିଜ କାର୍ଯ୍ୟକୁ ସୁଚାରୁ ରୂପେ ତୁଲାଇଥିଲେ। ନୂତନ ପଦବୀ ପରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, କଳାହାଣ୍ଡି ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟ, ରାଜ୍ୟସଭା ସାଂସଦ ସୁଜିତ କୁମାର ଓ କଳାହାଣ୍ଡି ଜିଲ୍ଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ଧନ୍ୟବାଦ ଜଣାଇଛନ୍ତି।






# ୫ଦିନିଆ ଭିନ୍ନକ୍ଷମ କ୍ରିକେଟ କୋଚିଂ ଉଦ୍‌ଯାପିତ

**ନୂଆପଡ଼ା/କୋମନା, ୧।୩(ସମିସ)**

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ବଞ୍ଜାରୀ ସ୍କୁଲ ଖେଳ ପଡ଼ିଆରେ କ୍ରିକେଟ ଆସୋସିଏସନ ଫର ଭିଜୁଆଲ ଇମ୍ପେୟାର୍ଡ଼ (କାଭି) ଏବଂ ସ୍ଥାନୀୟ ବଞ୍ଜାରୀ ଅକ୍ଷମ ସେବା ସମିତି (ବାସ୍କ) ମିଳିତ ଆନୁକୂଲ୍ୟରେ ପଞ୍ଚ ଦିବସୀୟ ଭିନ୍ନକ୍ଷମ କ୍ରିକେଟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଉଦଯାପନୀ ଉତ୍ସବରେ ବାସ୍କର ସମ୍ପାଦକ ଅଶୋକ କୁମାର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିବାବେଳେ ଜିଲ୍ଲା ପରିଷଦ ସଦସ୍ୟ ଅବନି ରଞ୍ଜନ ଯୋଷୀ ମୁଖ୍ୟଅତିଥି, ସମାଜସେବୀ ଗୋପାଳ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଶିବିର ପାଞ୍ଚ ଦିନ ଧରି ଚାଲିଥିବାବେଳେ କୋଚ ଭାବରେ ମୁକେଶ ପୁରୋହିତ ଏବଂ ଶୁଭସ୍ମିତା ଖେଳାଳୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଖେଳାଳିମାନଙ୍କୁ ସ୍ପୋର୍ଟସ୍ ୟୁନିଫର୍ମ ସହ ଖେଳ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହି ତାଲିମ କାର୍ଯ୍ୟକ୍ରମରେ ମୋଟ ୩୦ଜଣ ଶ୍ରବଣବାଧିତ ଛାତ୍ରୀ ଭାଗ ନେଇଥିଲେ। ଆଗାମୀ ଦିନରେ ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଭା ମନୋନୟନ ହେବ। ଏଥିରେ ନୂଆପଡ଼ାରୁ ମଧ ଖେଳାଳି ସ୍ଥାନ ପାଇବା ସମ୍ଭାବନା ରହିଥିବା ସମ୍ପାଦକ ପାଣିଗ୍ରାହୀ କହିଛନ୍ତି।

**୩୦ଛାତ୍ରୀଙ୍କ ଅଂଶଗ୍ରହଣ**





## ଆନ୍ତର୍ଜାତିକ ହ୍ୱିଲ୍ ଚେୟାର ଦିବସ ପାଳିତ

# 'ଅକ୍ଷମତା ନୁହଁ, ସକ୍ଷମ ଦିଗକୁ ଆଗେଇବାର ପ୍ରୟାସ'

**ଭବାନୀପାଟଣା, ୧।୩(ସମିସ)**

ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ଠାରେ ଶୁକ୍ରବାର ଆନ୍ତର୍ଜାତିକ ହ୍ୱିଲ୍ ଚେୟାର ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲ୍ଲାର ସମସ୍ତ ବ୍ଲକ ଏବଂ ସହରାଞ୍ଚଳରୁ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଭାଇ ଭଉଣୀ ଏବଂ ସେମାନଙ୍କର ସହଯୋଗୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଦିବ୍ୟାଙ୍ଗ ଭାଇ ଭଉଣୀ ହ୍ୱିଲ୍ ଚେୟାରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ବିଜୁ କଲ୍ୟାଣ ମଣ୍ଡପଠାରେ ପହଞ୍ଚିଥିଲେ। ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ବିଜୁ କଲ୍ୟାଣ ମଣ୍ଡପଠାରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିରେନ୍ଦ୍ର କୁମାର କହଁରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତ୍ରିଲୋଚନ ପାତ୍ର ମୁଖ୍ୟଅତିଥି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଦୁଲାଲ ସେନାପତି, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ କୁମାର ବାରିକ, ଜିଲ୍ଲା ଭିନ୍ନକ୍ଷମ ସମିତି ଅଧକ୍ଷ ହେମନ୍ତ ତାଣ୍ଡି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ହ୍ୱିଲ୍ ଚେୟାର ଦିବ୍ୟାଙ୍ଗମାନଙ୍କ ପାଇଁ ଅକ୍ଷମତାର ଚିହ୍ନ ନୁହେଁ ବରଂ ସକ୍ଷମ ଦିଗକୁ ଆଗେଇବାର ଏକ ପ୍ରାଥମିକ ପାହାଚ ଏବଂ ନିଜର ସ୍ୱାଧୀନତା ସହିତ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ଯାତାୟାତର ମାଧମ ହ୍ୱିଲ ଚେୟାରକୁ ନେଇ ଗର୍ବ ଅନୁଭବ କରିବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମର ପୂର୍ବଦିନ ଅନୁଷ୍ଠିତ ହ୍ୱିଲ ଚେୟାର ଦୌଡ ଏବଂ ହ୍ୱିଲ୍ ଚେୟାର କ୍ରିକେଟ ମ୍ୟାଚ ଅବସରରେ ପ୍ରତିଯୋଗୀମାନଙ୍କୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଖାଇବାକୁ ଦିଆଯାଇ ନ ଥିବାରୁ ଦିବ୍ୟାଙ୍ଗଙ୍କ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଥିଲା। ତାପରେ ଆୟୋଜକମାନେ ସେମାନଙ୍କ ଖାଇବାର ବନ୍ଦୋବସ୍ତ କରିଥିଲେ। ଆଜିର କାର୍ଯ୍ୟକ୍ରମରେ କୃତି ଖେଳାଳି ମାନଙ୍କୁ ପୁରସ୍କୃତ କରାଯାଇଛି। ବିଶେଷ ଭାବରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଦିବ୍ୟାଙ୍ଗ ଭଉଣୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ହୁଇଲ ଚେୟାର ନୃତ୍ୟ ଦର୍ଶକ ମାନଙ୍କ ମନକୁ ମୋହିଥିଲା। ଶେଷରେ କୁନି କୁନି ନୃତ୍ୟାଙ୍ଗନାମାନେ ନୃତ୍ୟ ଦ୍ୱାରା ଦିବ୍ୟାଙ୍ଗଙ୍କ ମନୋରଞ୍ଜନ କରିଥିଲେ।




# ଗଙ୍ଗାଧର ଜ୍ୟୋତି ରଥକୁ ଭବ୍ୟ ସ୍ୱାଗତ

**ସିନାପାଲି, ୧।୩:** ନୂଆପଡ଼ା ଜିଲ୍ଲାର ବିଭିନ୍ନ ଗ୍ରାମ ସମେତ ସିନାପାଲି ଅଞ୍ଚଳରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜ୍ୟୋତି ରଥକୁ ଭବ୍ୟ ସ୍ୱାଗତ ସହ ପୂଜାର୍ଚ୍ଚନା କରାଯାଇଛି। ନିଖିଳ ଓଡ଼ିଶା ମେହେର ସମାଜ ପକ୍ଷରୁ କବିପୀଠ ବରପାଲି ଠାରେ ଆସନ୍ତା ମାସରେ ହେବାକୁ ଥିବା କବିଙ୍କ ଶ୍ରାଦ୍ଧ ଶତବାର୍ଷିକୀ ଉତ୍ସବକୁ ନେଇ ଜନଜାଗରଣ ସୃଷ୍ଟି ଲକ୍ଷ୍ୟରେ ଗତ ୧୮ ତାରିଖରେ ବରପାଲି ଠାରୁ ବାହାରି ଥିବା ଏହି ରଥ ବିଭିନ୍ନ ଜିଲ୍ଲା ଦେଇ ହାତୀବନ୍ଧା ଠାରେ ନୂଆପଡ଼ା ଜିଲ୍ଲାକୁ ପ୍ରବେଶ କରିଥିଲା। ହାତୀବନ୍ଧାର ମେହେର ସମାଜ ଓ ଅନ୍ୟାନ୍ୟ ବୁଦ୍ଧିଜୀବୀ ରଥକୁ ସ୍ୱାଗତ କରିବା ସହ ଗ୍ରାମ୍ୟ ପରିକ୍ରମା ପରେ ଜିଲ୍ଲା ମେହେର ସମାଜର ସାଧାରଣ ସମ୍ପାଦକ ସୁରେଶ୍ୱର ମେହେରଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଜୋନାଲ ସମ୍ପାଦକ ନବୀନ ଚନ୍ଦ୍ର ମେହେର, ସିନାପାଲି ଗଙ୍ଗାଧର ସାରସ୍ୱତ ସମିତିର ସଭାପତି ବୈଷ୍ଣବ ମେହେର ଉଦବୋଧନ ଦେଇଥିଲେ। ଜିଲ୍ଲା ସମ୍ପାଦକ ରୂପେଶ ଚନ୍ଦ୍ର ମେହେର ଧନ୍ୟବାଦ ଦେଇଥିଲେ। ଏହା ପରେ ଜ୍ୟୋତିରଥ ସିନାପାଲି ସହର ପରିକ୍ରମା କରିଥିବା ବେଳେ ଶୋଭାଯାତ୍ରାରେ ଗ୍ରାମ୍ୟ ମେହେର ସମାଜ, ଜିଲ୍ଲା ମେହେର ସମାଜ, ମେହେର ଯୁବା ମଞ୍ଚ, ଗଙ୍ଗାଧର ସାରସ୍ୱତ ସମିତିର ସଦସ୍ୟଙ୍କ ସମେତ ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶତାଧିକ ଗଙ୍ଗାଧର ପ୍ରେମୀ ଭଦ୍ର ବ୍ୟକ୍ତି, ମାଆଭଉଣୀ ଉପସ୍ଥିତ ରହି କବିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସିନାପାଲି ଠାରେ ନିଖିଳ ଓଡ଼ିଶା ମେହେର ସମାଜର ଉପଦେଷ୍ଟା ଡମ୍ବରୁଧର ମେହେର, ଗ୍ରାମ୍ୟ କମିଟି ସଭାପତି ଟେଣୋ ମେହେର, ବରିଷ୍ଠ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମେହେର, କ୍ଷିରସିନ୍ଧୁ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଏହା ପରେ ନୂଆପଡ଼ା ଜିଲ୍ଲା ମେହେର ସମାଜର ନେତୃତ୍ୱରେ ଜ୍ୟୋତି ରଥ ଯୋଗିବାହାଲ, ବରଗାଁ, ଗଣ୍ଡାବାହାଲି, ଡୁଆଝର, ଖଡ଼ିଆଳ, ଭୁଲିଆ ସିକୁଆଁ, ତୁକୁଲା ଆଦି ଗ୍ରାମ ପରିକ୍ରମା କରିଥିବା ବେଳେ ସବୁଠି କଳସ ସ୍ଥାପନ ଓ ବନ୍ଦାପନା କରି ଭବ୍ୟ ସ୍ୱାଗତ କରାଯାଇଥିବା ଦେଖିବାକୁ ମିଳିଛି।



## ● କେସିଙ୍ଗା ସହରକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା

# ସରକାରଙ୍କ ତରଫରୁ ୧୭.୧୩ ଲକ୍ଷ ଟଙ୍କା ଅନୁଦାନ



**● ଉପକୃତ ହେବେ ୨୫ହଜାର ଲୋକ**

**କେସିଙ୍ଗା, ୧।୩(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନ୍ଏସିର ୧୨ଟି ୱାର୍ଡରେ ଜନସଂଖ୍ୟା ପ୍ରାୟ ୨୫ ହଜାର। ରାଜ୍ୟ ସରକାର ପାନୀୟ ଜଳଯୋଗାଣ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ କେସିଙ୍ଗା ସହରବାସୀଙ୍କ ପାଇଁ ୧୭ କୋଟି ୧୩ ଲକ୍ଷ ୭୨ ହଜାର ଟଙ୍କା ମଞ୍ଜୁର କରିଛନ୍ତି। ସହରରେ ଥିବା ପ୍ରତ୍ୟେକଙ୍କ ଘରେ ବିଶୁଦ୍ଧ ଜଳ ଯୋଗାଣ ପାଇଁ ରାଜ୍ୟ ସରକାର ଜନସ୍ୱାସ୍ଥ୍ୟ ବିଭାଗ ଜରିଆରେ ଏହି ପଇସା ଖର୍ଚ୍ଚ କରିବେ। ଏଥିରେ ସହରର ପାଖାପାଖି ୨୫ ହଜାର ଲୋକ ହେବେ ଉପକୃତ ହେବା ସହ ବିଶୁଦ୍ଧ ଜଳ ପାଇବେ। ଏ ନେଇ ଗୁରୁବାର ଦିନ କେସିଙ୍ଗା ଏନ୍ଏସି ପାଖ କଲ୍ୟାଣ ମଣ୍ଡପରେ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଜଳଯୋଗାଣ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କେସିଙ୍ଗା ନଗରପାଳ ନୃପରାଜ ଯାଦବ, ଉପ ନଗରପାଳ ସରସ୍ୱତୀ ସାହାଙ୍କ ସମେତ ସମସ୍ତ ୱାର୍ଡ କାଉନସିଲର ଓ ଏନ୍ଏସି କର୍ମଚାରୀ ଉପସ୍ଥିତ ଥିଲେ।

# କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ନର୍ଲା, ୧।୩(ସମିସ):** ନର୍ଲା ବ୍ଲକ ଅନ୍ତର୍ଗତ ଭୀମକେଲା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠର କ୍ରୀଡା ଶିକ୍ଷକ ଗଙ୍ଗାଧର ରଣାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିପାଇଁ ବିଦ୍ୟାଳୟ ପରିସରରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷକ




ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଶରିଆଁ ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସାଧୁରାମ ଭୋଇ, ବିଦ୍ୟାଳୟର ପୂର୍ବତନ ସମ୍ପାଦକ ତଥା ଆଇନଜୀବୀ କୁବେର ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶେଷଦେବ ପୋଢ ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ସାହୁ, ସମିତି ସଭ୍ୟା ସୁମିତ୍ରା ମାଝୀ, ବିଦ୍ୟାଳୟର ସଭାପତି ଝଜ ସା ପ୍ରମୁଖ ଯୋଗଦାନ କରି ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ରଣାଙ୍କ ଉତ୍ତରୋତ୍ତର ଉନ୍ନତି ସହ ଆଗାମୀ ଜୀବନ ସୁଖମୟ, ଶାନ୍ତିମୟ କାମନା କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହ ଶିକ୍ଷକ ସମୂହ ଓ ପୁରାତନ ଛାତ୍ରମାନଙ୍କ ଦ୍ୱାରା କ୍ରୀଡା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନାରେ ଉପଢୌକନ, ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ବିନୟ କିଶୋର ଦାଶ, ନୃସିଂହ ଚରଣ ଦଲାଇ, କେଶବ ଚନ୍ଦ୍ର ମହାପାତ୍ର, ରାଜୀବ ଦାଶ, ସଞ୍ଜୟ ସେନାପତି, ସୁକାନ୍ତ ମହାଉତିଙ୍କ ସହ କର୍ମଚାରୀ ତୀର୍ଥ କରୁଆଁ, କିଶୋର କରୁଆଁ, ଥବିର ପାତ୍ର ଓ ପୁରାତନ ଛାତ୍ର ସରୋଜ କୁମାର ସାହୁ, ହେମନ୍ତ ସାହୁ, ମୋତି ରଞ୍ଜନ ସାହୁ, ରୋହିତ ସ୍ୱାଇଁ ଓ ଅନେକ ପୁରାତନ ଛାତ୍ର ସହଯୋଗ କରିଥିଲେ। ଶେଷରେ ଶ୍ରୀ ରଣାଙ୍କୁ ଏକ ଶୋଭାଯାତ୍ରାରେ ଗାଁ ପରିକ୍ରମା କରାଯାଇ ନିଜ ଗାଁ ଅଶୁରଗଡ଼(ଢେକୁନପଡ଼ା)କୁ ନେଇ ସେଠାରୁ ପ୍ରତ୍ୟାବର୍ତ୍ତନ କରିଥିଲେ।

# ଥୁଆମୂଳ ରାମପୁରକୁ କେବେ ଉପଲବ୍ଧ ହେବ ମହାପ୍ରୟାଣ ଗାଡ଼ି

**ଥୁଆମୂଳ ରାମପୁର, ୧।୩(ସମିସ):** ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଶବବାହକ ଗାଡିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କୌଣସି ଘଟଣା ହେଉ ଅବା ଦୁର୍ଘଟଣା କିମ୍ବା ଡାକ୍ତରଖାନାରେ ମଧ ଯଦି କାହାର ମୃତ୍ୟୁ ହୁଏ ତେବେ ଶବ ବ୍ୟବଚ୍ଛେଦ ଏବଂ ଘରକୁ ନେବା ପାଇଁ ଶବବାହକ ଗାଡିର ଆବଶ୍ୟକତା ପଡ଼ିଥାଏ। ସରକାରୀ ବ୍ୟବସ୍ଥା ମଧ୍ୟରେ ଗରିବ ଲୋକେ ସୁଲଭ ମୂଲ୍ୟରେ ଏହି ସେବା ପାଉଛନ୍ତି। ଅନେକ ସମୟରେ ଏଭଳି ପରିସ୍ଥିତିରେ ଏହି ସେବା ଅପହଞ୍ଚ ହୋଇପଡ଼ିଥାଏ। ଘଣ୍ଟା ଘଣ୍ଟା ଧରି ଅପେକ୍ଷା କଲାପରେ ମଧ ମହାପ୍ରୟାଣ ଗାଡି ନ ଆସିଲେ ବାଧ ହୋଇ ସାଇକେଲ, ମଟର ସାଇକେଲ ଏପରିକି କାନ୍ଧରେ ବୋହି ଶବ ନେଇଥିବା ଭଳି ଘଟଣାର ଅନେକ ଦୃଷ୍ଟାନ୍ତ ରହିଛି। କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ବଣପାହାଡ ଘେରା ଥୁଆମୂଳ ରାମପୁର ବ୍ଲକ ପାଇଁ ମହାପ୍ରୟାଣ ଗାଡି ଆବଶ୍ୟକତା ରହିଥିବା ବେଳେ ଆଜି ପର୍ଯ୍ୟନ୍ତ ଏହି ସେବା ଉପଲବ୍ଧ ହୋଇପାରି ନ ଥିବା ବିଡମ୍ବନାର ବିଷୟ। ଶବବାହକ ଗାଡି ବ୍ୟବସ୍ଥା ହୋଇପାରିଲାନି ବୋଲି ନିଜ ପତ୍ନୀର ଶବକୁ କାନ୍ଧରେ ଦୀର୍ଘ ୧୨ କିଲୋମିଟର ଚାଲିଚାଲି ବୋହି ଆଣିବା ଭଳି ଦାନ ମାଝୀଙ୍କ ଜୀବନରେ ଘଟିଥିବା ସେଇ ହୃଦୟ ବିଦାରକ ଘଟଣା ଆଜି ବି ଅଭୁଲା ହୋଇ ରହିଛି। ଏଭଳି ସମ୍ବେଦନଶୀଳ ତଥା ଅଭାବନୀୟ ଘଟଣାର ଯେପରି ପୁନରାବୃତ୍ତି ନ ହୁଏ ସେଥିପାଇଁ ସରକାର ଜିଲ୍ଲା ପ୍ରଶାସନକୁ ସତର୍କ କରାଇଥିଲେ। ଏହି ଘଟଣାର ପରବର୍ତ୍ତୀ ସମୟରେ ଏହି ପ୍ରସଙ୍ଗକୁ ନେଇ କଳାହାଣ୍ଡି ଜିଲ୍ଲାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି। ପ୍ରଥମତଃ ରେଣ୍ଡୋ ମାଝୀ ମେଡିକାଲ କଲେଜ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଉନ୍ନତିକରଣ କରି ଚିକିତ୍ସା ବ୍ୟବସ୍ଥାକୁ ମଜବୁତ କରାଯାଇଛି। ଥୁଆମୂଳ ରାମପୁର ବ୍ଲକର ଦୁର୍ଗମ ଅଞ୍ଚଳକୁ ବାଇକ୍ ଆମ୍ବୁଲାନ୍ସର ବ୍ୟବସ୍ଥା ଯୋଗୁ ରୋଗୀ ଉପକୃତ ହେଉଛନ୍ତି। ହେଲେ ଶବବାହକ ଗାଡିର ସୁବିଧା ନ ଥିବା ଯୋଗୁଁ ବିଭିନ୍ନ ଉପାୟରେ ଶବ ନେବା ଆଣିବା କରିବା ନଜିର ରହିଛି। ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ ମହାପ୍ରୟାଣ ଗାଡି ଉପଲବ୍ଧ ରହିବା ଜରୁରୀ ଥିବା ବେଳେ ଏହାକୁ ନେଇ ବିଭିନ୍ନ ସମୟରେ ଜନସାଧାରଣଙ୍କ ପକ୍ଷରୁ ଦାବି ରହି ଆସିଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ କିଆପଦର ଠାରୁ ୬୦ କିମି, ସିଲେଟ୍ ଠାରୁ ୬୫, ତଳନାଗୀ ଠାରୁ ୬୫, ମାଳିଗାଁ ଠାରୁ ୫୦ କିଲୋମିଟର ଦୂରରେ ରହିଥିବା ଅଞ୍ଚଳବାସୀଙ୍କ ପ୍ରତି ଏହି ସମସ୍ୟା ସାଂଘାତିକ ହୋଇଥାଏ। ମହାପ୍ରୟାଣ ଗାଡି ପାଇଁ ଅନ୍ୟ ବ୍ଲକ କିମ୍ବା ପଡୋଶୀ ଜିଲ୍ଲା ଉପରେ ନିର୍ଭର କରିବାକୁ ପଡ଼ିଥାଏ। ଆଇନକାନୁନ ପ୍ରକ୍ରିୟାକରଣ ମଧ୍ୟରେ ପୁଲିସକୁ ମଧ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ। ଶବବାହକ ଗାଡିକୁ ଅପେକ୍ଷା କରି କରି ଦିନଦିନ ଶବ ପଡ଼ିରହିଥାଏ। ସରକାର ତୁରନ୍ତ ଥୁଆମୂଳ ରାମପୁର ବ୍ଲକକୁ ଏକ ମହାପ୍ରୟାଣ ଗାଡିର ସ୍ଥାୟୀ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।




# ଗୋପାଳପୁରରେ 'ଆମ ବ୍ୟାଙ୍କ ସେବା' ଉଦ୍‌ଘାଟିତ

**ଥୁଆମୂଳ ରାମପୁର, ୧।୩(ସମିସ):** ଲୋକେ ଗାଁରେ ପାଇବେ ଡିଜିଟାଲ ବ୍ୟାଙ୍କ ସେବା। ଉପକୃତ ହେବେ ଅଞ୍ଚଳର ଜନସାଧାରଣ।



ଟଙ୍କା ଉଠାଣ ହେଉ କିମ୍ବା ସଞ୍ଚୟ ଅବା ଜମାଖାତା ଖୋଲିବା ହେଉ ଅଞ୍ଚଳର ଲୋକଙ୍କୁ ଯିବାକୁ ପଡୁଥିଲା କିଲୋମିଟର କିଲୋମିଟର ଦୂରରେ ଥିବା ବ୍ୟାଙ୍କକୁ। ଖରା, ବର୍ଷା ଏବଂ ଶୀତ କାକରର ଅସହ୍ୟ ପରିସ୍ଥିତିରେ ମଧ ବୃଦ୍ଧ ବୃଦ୍ଧା ଭିନ୍ନକ୍ଷମ ଭଳି ଅସହାୟ ଉପଭୋକ୍ତାଙ୍କୁ ବ୍ୟାଙ୍କ ସମ୍ମୁଖରେ ଲମ୍ବା ଧାଡିରେ ଅପେକ୍ଷା କରିବାକୁ ପଡୁଥିଲା। ସାଧାରଣ ଜନତାଙ୍କ ଏହି ସମସ୍ୟାର ସମାଧାନ ଦିଗରେ ରାଜ୍ୟ ସରକାର ନେଇଛନ୍ତି ପଦକ୍ଷେପ। ଗାଁ ଗାଁରେ ଲୋକଙ୍କୁ ଡିଜିଟାଲ ବ୍ୟାଙ୍କସେବା ଯୋଗାଇବାକୁ ଯୋଜନା ଆରମ୍ଭ କରିଛନ୍ତି। ଏହାର ଦ୍ୱିତୀୟ ପର୍ଯ୍ୟାୟରେ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତଠାରେ ଆମ ବ୍ୟାଙ୍କ ସେବା କେନ୍ଦ୍ର ଉଦଘାଟିତ ହୋଇଯାଇଛି। ସ୍ଥାନୀୟ ରାଜୀବଗାନ୍ଧୀ ସେବା କେନ୍ଦ୍ରରେ ସ୍ଥାନୀୟ ସରପଞ୍ଚ ବେଣୀ ମାଝୀଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ମାଝୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧ୍ରୁବ ଚରଣ ମୁଦଲି ଫିତା କାଟି ଉଦଘାଟନ ଏହି ସେବାର ଶୁଭାରମ୍ଭ କରିଥିଲେ। ଉଦଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ସଞ୍ଜୁ କୁମାରୀ ନାୟକ, ଥୁଆମୂଳ ରାମପୁର ଷ୍ଟେଟବ୍ୟାଙ୍କର କ୍ଷେତ୍ର ଅଧିକାରୀ, ବ୍ଲକର କନିଷ୍ଠ ଯନ୍ତ୍ରୀ ସତ୍ୟ ନାରାୟଣ ବେହେରା, ସମାଜ ସେବୀ ଦୁର୍ଯ୍ୟୋଧନ ନାୟକ ଉପସ୍ଥିତ ଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ମେହେର, ଗ୍ରାମ ରୋଜଗାର ସେବକ ସୁଶାନ୍ତ ନାଏକ ଏବଂ ଯୋଗାଣ ସହାୟକ ସରୋଜ ନାଏକ ସହଯୋଗ କରିଥିଲେ।

## ● ବଢ଼ିଲା ପାରିଶ୍ରମିକ, ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧକ୍ଷଙ୍କୁ କୃତଜ୍ଞତା

# କେସିଙ୍ଗା ବ୍ଲକର ୩୮୭ ଅଙ୍ଗନବାଡ଼ି କର୍ମଚାରୀ ହେବେ ଉପକୃତ

**କେସିଙ୍ଗା, ୧।୩ (ସମିସ):** ରାଜ୍ୟ ସରକାର ଇତି ମଧ୍ୟରେ ଅଙ୍ଗନବାଡ଼ି ଦିଦି ଓ ମିନି ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ମାନଙ୍କର ଦାବି ପୂରଣ କରିଛନ୍ତି। ସମସ୍ତଙ୍କ ମାସିକ ପାରିଶ୍ରମିକ ବଢ଼ାଇଛନ୍ତି। ଏହା ଦ୍ୱାରା ରାଜ୍ୟର ୧ ଲକ୍ଷ ୪୮ ହଜାର ଅଙ୍ଗନବାଡ଼ି କର୍ମୀ, ମିନି ଅଙ୍ଗନବାଡ଼ି ଓ ସହାୟିକା ଉପକୃତ ହେଉଥିବା ବେଳେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକରେ ୧୯୪ ଜଣ ଅଙ୍ଗନବାଡ଼ି କର୍ମୀ, ୧୭୫ ଜଣ ସହାୟିକା ଓ ୧୮ ଜଣ ମିନି ଅଙ୍ଗନବାଡ଼ି କର୍ମୀ ଉପକୃତ ହେବେ। ନୂତନ ବର୍ଦ୍ଧିତ ପାରିଶ୍ରମିକ ଅନୁସାରେ ଅଙ୍ଗନବାଡ଼ି କର୍ମୀ ଏଣିକି ମାସିକ ପାଇବେ ୧୦ ହଜାର ଟଙ୍କା ସେହିପରି ମିନି ଅଙ୍ଗନବାଡ଼ି କର୍ମୀ ପାଇବେ ମାସକ ୭୨୫୦ ଟଙ୍କା ଓ ସହାୟିକା ମାନଙ୍କୁ ୫୦୦୦ ଟଙ୍କା ପାରିଶ୍ରମିକ ମିଳିବ। ତା ସହିତ ସେବା ନିବୃତ୍ତି ପରେ ମଧ ଅଙ୍ଗନବାଡ଼ି କର୍ମୀଙ୍କୁ ୧ ଲକ୍ଷ ଟଙ୍କା, ମିନି ଅଙ୍ଗନବାଡ଼ି କର୍ମୀଙ୍କୁ ୭୫ ହଜାର ଟଙ୍କା ଓ ସହାୟିକା ମାନଙ୍କୁ ୫୦ ହଜାର ଟଙ୍କା ମିଳିବ। ଏହି ବର୍ଦ୍ଧିତ ପାରିଶ୍ରମିକ ୨୦୨୩ ଅକ୍ଟୋବରରୁ ଲାଗୁ ହେବ। ଏନେଇ କେସିଙ୍ଗା ଅଙ୍ଗନବାଡ଼ି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ଗୋଲାମୁଣ୍ଡା ସିଡିପିଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




**କେଗାଁ, ୧।୩(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡାସ୍ଥିତ ଆଇସିଡିଏସ କାର୍ଯ୍ୟାଳୟଠାରେ ସିଡିପିଓ ପ୍ରେମ ମଞ୍ଜରୀ ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ବିଦାୟୀକାଳୀନ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ସୁପରଭାଇଜର, ଅଙ୍ଗନବାଡି କର୍ମୀମାନେ ସିଡିପିଓଙ୍କ କର୍ତ୍ତବ୍ୟ, ଦାୟିତ୍ୱବୋଧତା ଓ ସୁସମ୍ପର୍କ ସହ ସରଳତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅବସରପ୍ରାପ୍ତ ସିଡିପିଓ ଶ୍ରୀମତୀ ସାହୁ ଉଦବୋଧନ ଦେଇ ଗୋଲାମୁଣ୍ଡା ବ୍ଲକର ଅଙ୍ଗନବାଡି କର୍ମୀ ତଥା ଜନସାଧାରଣଙ୍କ ସହଯୋଗ ମନେ ରଖିବେ ବୋଲି କହିଥିଲେ। ଏହି ଅବସରରେ ତାଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ସୁପରଭାଇଜର ଅଲିଭା ପଟ୍ଟନାୟକ, ମାନଝରୀ ସୁପରଭାଇଜର ପଦ୍ମା ସାହୁ, ବୃନ୍ଦାବାହାଲ ସୁପରଭାଇଜର ଯଶୋବନ୍ତି ନାଏକ, କେଗାଁ ସୁପରଭାଇଜର ମେରୀୟମ ସେନାପତି, ମହାଲିଙ୍ଗ ସୁପରଭାଇଜର ଶାନ୍ତି ମଙ୍ଗରାଜ, ଫରଙ୍ଗ ସୁପରଭାଇଜର ମଞ୍ଜୁ ପଟ୍ଟନାୟକଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏବଂ ଅଙ୍ଗନବାଡି କର୍ମୀ ଓ ଏସଏଚଜି ମହିଳା ଉପସ୍ଥିତ ଥିଲେ।

# ବିରୁନପଦର ଗାଁକୁ ଚୁଆପାଣି ଭରସା



**ନୂଆପଡ଼ା/କୋମନା, ୧।୩(ସମିସ)**

ଗ୍ରାମାଞ୍ଚଳର ଲୋକଙ୍କ ସକାଶେ ପାନୀୟ ଜଳ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି। ବିଭାଗୀୟ ଅଧିକାରୀଙ୍କ ନିଷ୍କ୍ରିୟତା ଯୋଗୁଁ ଲୋକଙ୍କୁ ଠିକ ସମୟରେ ପାନୀୟ ଜଳ ମିଳିବା କଷ୍ଟକର ହୋଇପଡ଼ିଛି। କୋମନା ବ୍ଲକ ଅନ୍ତର୍ଗତ ବିରୁନପଦର ଗ୍ରାମବାସୀ ପାଣି ପାଉନାହାଁନ୍ତି। ଫଳରେ ବାଧ ହୋଇ ଚୂଆପାଣି ସଂଗ୍ରହ କରି ବ୍ୟବହାର କରୁଥିବା ଦେଖାଯାଇଛି। ପ୍ରକାଶ ଯେ କୋମନା ବ୍ଲକ ସଦର ଗ୍ରାମ ପଞ୍ଚାୟତର ଭରୁଆମୁଣ୍ଡା ଗାଁର ବିରୁନପଦର ଏକ ପଡ଼ା ଗ୍ରାମ। ଏଠାରେ ବହୁ ଗରିବ ଖଟିଖିଆ ଶ୍ରେଣୀର ଲୋକ ବସବାସ କରନ୍ତି। ଏମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସକାଶେ ରାଜ୍ୟ ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଗାଁରେ ଏକ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ କରିଥିଲେ। ହେଲେ ବିଭାଗୀୟ ଯନ୍ତ୍ରୀ, ଅଧିକାରୀଙ୍କ ଅକ୍ଷମତା ଯୋଗୁଁ ସଠିକ ଜାଗାରେ ପ୍ରକଳ୍ପ ସ୍ଥାପନା କରାଯାଇ ନ ଥିବାରୁ ବିରୁନପଦର ଗାଁକୁ ପାଣି ଯିବା ମୁସ୍କିଲ ହୋଇପଡୁଛି। ଏଠାରେ ସୂଚନାଯୋଗ୍ୟ ଯେ ଦୁଇ ବର୍ଷ ତଳେ ଏହି ଗାଁରେ ଲୋକଙ୍କ ପାନୀୟ ଜଳ ସଙ୍କଟକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶନ ପରେ ପରିମଳ ବିଭାଗ ତରଫରୁ ଏକ କୂଅ ଭିତରେ ବୋରୱେଲ ଖୋଳାଯାଇଥିଲା। ସେଥିରୁ ଲୋକେ ପାଣି କାଢ଼ି ବ୍ୟବହାର କରିଆସୁଥିଲେ। ବର୍ତ୍ତମାନ ନଳ କୂଅ ଚାରିକଡରେ ପୋଲ ହୋଇଯାଇଥିବାରୁ ସ୍ଥାନୀୟ ଡ୍ରେନର ପାଣି ସବୁ ସେଥିରେ ଭର୍ତ୍ତି ହେଉଥିବାରୁ ଦୁର୍ଗନ୍ଧ ବାହାରୁଥିବା ଦେଖାଯାଇଛି। ଲୋକେ ବାଧ ହୋଇ ଏହି ଦୁର୍ଗନ୍ଧଯୁକ୍ତ ପାଣି ବ୍ୟବହାର କରୁଛନ୍ତି। ଏହା ଯେ କେତେବେଳେ ଝାଡାବାନ୍ତି ଭଳି ରୋଗ ସୃଷ୍ଟି କରିବ ଏହାକୁ ଏଡାଇ ଦିଆଯାଇ ନପାରେ। ଜିଲ୍ଲା ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ନେଇ ଲୋକଙ୍କୁ ବିଶୁଦ୍ଧ ପାଣି ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# କଦଳୀ ଚାଷ ଯୋଗାଉଛି ରୋଜଗାର






**ଭବାନୀପାଟଣା, ୧।୩(ସମିସ)**

ଚାଷୀଙ୍କୁ ସିଧାସଳଖ ବଜାର ବ୍ୟବସ୍ଥା ଦ୍ୱାରା ଆୟ ବହୁଗୁଣିତ କରିବା ଲକ୍ଷ୍ୟରେ ଭାରତ ସରକାରଙ୍କ କେନ୍ଦ୍ରୀୟ ଯୋଜନା, ନାବାର୍ଡ ତଥା ମହାଶକ୍ତି ଫାଉଣ୍ଡେସନ ଦ୍ୱାରା କଲମପୁର ବ୍ଲକରେ ତ୍ରିଲୋକେଶ୍ୱର କୃଷକ ଉତ୍ପାଦକ କମ୍ପାନୀ ନାମରେ ଏକ କୃଷକ ସଙ୍ଗଠନ ଗଠନ କରାଯାଇଛି। ବ୍ଲକ ଚାଷୀ ସହିତ ଆଖପାଖ ଅଞ୍ଚଳର କଦଳୀଚାଷୀଙ୍କ ଉତ୍ପାଦିତ ଉନ୍ନତମାନର କଦଳୀକୁ ଓଡ଼ିଶାର ବାହାର ବଜାରକୁ ପଠାଇବା ଲକ୍ଷ୍ୟରେ କମ୍ପାନୀ କାର୍ଯ୍ୟ ଆରମ୍ଭ କରିଛି। ଯାହାକି ଏକ ବର୍ଷରେ ଏକ ଏକର ଜୈବିକ କଦଳୀ ଚାଷରେ ଏକ ଲକ୍ଷ ତିରିଶ ହଜାର ଖର୍ଚ୍ଚ କରି ତିନି ଲକ୍ଷ ପଚାଶ ହଜାର ଟଙ୍କା ଯାଏ ବିକ୍ରି ହେଉଥିବା କମ୍ପାନୀର ଏମ୍‌ଡି ଶରତ ମୁଣ୍ଡ ପ୍ରକାଶ କରିଛନ୍ତି। ବ୍ଲକରେ ବର୍ତ୍ତମାନ ୧୫୦ରୁ ଊର୍ଦ୍ଧ୍ୱ ଚାଷୀ ୨୦୦ ଏକର କଦଳୀ ଚାଷ ଆରମ୍ଭ କରିଛନ୍ତି। ମଧ୍ୟପ୍ରଦେଶର ବି. କିଶାନ୍ ସ୍ମାର୍ଟ ଫାର୍ମି ସଂସ୍ଥା ସହ ଏମ୍.ନାଇନ୍ କଦଳୀ ଚାରା, ଜୈବିକ ଚାଷ ପ୍ରଣାଳୀ ତଥା କଦଳୀର ବଜାର ବ୍ୟବସ୍ଥା ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଆଗାମୀ ଦିନମାନଙ୍କରେ ଏହି ପଦକ୍ଷେପ ଚାଷୀଙ୍କ ଆୟକୁ ବହୁଗୁଣିତ କରିବା ସହିତ ଉନ୍ନତ ମାନର କଦଳୀ ଉତ୍ପାଦନ ଓ ବିଦେଶକୁ ରପ୍ତାନି କରିବାରେ ଏହି କମ୍ପାନୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଗତ ଫେବୃଆରୀ ୨୮ ତାରିଖରେ ବରଗଡ଼ ଓ ସମ୍ବଲପୁର ଜିଲ୍ଲାରୁ ୪୦ ଜଣ ଚାଷୀ ଏହି କଦଳୀ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ପରିଦର୍ଶନରେ ଆସିଥିଲେ। ମହାଶକ୍ତି ଫାଉଣ୍ଡେସନର କୃଷି ବିଶେଷଜ୍ଞ ଆଶୁତୋଷ ପାଲ ଓ ମିହିରରଞ୍ଜନ ସାଗର, ବି କିଶାନ ସ୍ମାର୍ଟ ଫାର୍ମି ସଂସ୍ଥାର କିରଣ କିଶାନ୍ ଓ କୃଷକ ଉତ୍ପାଦକ କମ୍ପାନୀର ଶରତ ମୁଣ୍ଡ ଓ ଆଶୁତୋଷ ମୁଣ୍ଡ କଦଳୀ ଚାଷର ଉନ୍ନତ ଚାଷ ପ୍ରଣାଳୀ ତଥା ମୂଲ୍ୟ ଶୃଙ୍ଖଳ ବିଷୟରେ ତାଲିମ ପ୍ରଦାନ କରିଥିଲେ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ ସହାୟତାରେ ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଡ. ଅମୂଲ୍ୟ ମହାନ୍ତି, ପରିଚାଳନା ନିର୍ଦ୍ଦେଶକ ଯୁଗଳ କିଶୋର ପଟ୍ଟନାୟକ ଓ ଜିଲ୍ଲା ସଂଯୋଜକ ଦେବେନ୍ଦ୍ର ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

ବିଏସ୍‌କେୱାଇ ସଞ୍ଜୀବନୀ

# ସ୍ତନ କର୍କଟ ରୋଗରୁ ମୁକ୍ତି ପାଇଛନ୍ତି ନିରୁପମା

ବଲାଙ୍ଗିର, ୧।୩(ସମିସ)

ଜୀବନ ଫେରାଉଛି ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା। ଏହି ଯୋଜନାରେ ଗରିବ ହିତାଧିକାରୀମାନେ ମାଗଣା ଚିକିତ୍ସା ଓ ଔଷଧ

## ରାୟପୁର ବାଲକୋ ଡାକ୍ତରଖାନାରେ ମାଗଣାରେ ହେଲା ଚିକିତ୍ସା

ପାଇପାରୁଛନ୍ତି। ଅନେକ ରୋଗୀ ଦୁରାସାଧ ରୋଗରୁ ଆରୋଗ୍ୟ ଲାଭ କରି ବର୍ତ୍ତମାନ ସମୟରେ ସୁସ୍ଥ ଜୀବନ ଯାପନ କରୁଛନ୍ତି। ବିଏସକେୱାଇ ଯୋଜନାରେ ଅନେକ ସଫଳ କାହାଣୀ ଭିତରେ ଅନ୍ୟତମ ହେଉଛି ବଲାଙ୍ଗିର ବରପାଲିପଡ଼ାର ସ୍ତନ କର୍କଟ ରୋଗୀ ନିରୁପମା ଦଲାଇଙ୍କ କାହାଣୀ। ଡାକ୍ତରଖାନା ଯିବା ପାଇଁ ହାତରେ ଟଙ୍କାଟିଏ ନଥିଲା କିନ୍ତୁ ଆଜି ବିଏସକେୱାଇ ଯୋଜନା ଯୋଗୁ ସ୍ତନ କର୍କଟ ରୋଗରୁ ଆରୋଗ୍ୟ ଲାଭ କରି ସୁସ୍ଥ ହୋଇ ଘରେ ଅଛନ୍ତି।



ବରପାଲିପଡ଼ାରେ ରହନ୍ତି ନିରୁପମା ଦଲାଇ। ଅଙ୍ଗନବାଡି ସହାୟିକା ଭାବେ କାମ କରି ପରିବାର ଚଳାନ୍ତି। ଗତ ପ୍ରାୟ ୧୦ ବର୍ଷ ପୂର୍ବରୁ ସ୍ୱାମୀ ଆରପାରିକୁ ଚାଲିଯାଇଥିବା ବେଳେ ନିଜ ପୁଅ ସହ ନିରୁପମା ଘରେ ରହନ୍ତି। ଅଙ୍ଗନବାଡିରୁ ଯାହା କିଛି ପାରିଶ୍ରମିକ ମିଳେ ସେଥିରେ ସେ ଘର ଚଳାନ୍ତି। କେବଳ ପାଟିକୁ ମୁଠାଏ ଦାନା ପରିମାଣର ଆୟ ଭିତରେ ପରିବାର କିଭଳି ଅବସ୍ଥାରେ ଚଳୁଥିଲେ ତାହା ଅନୁମାନ କରାଯାଇପାରେ। ଏହିଭଳି ଏକ ସମୟରେ ନିରୁପମାଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଥିଲା। ଛାତିରେ କିଛି ବଢୁଥିବା ଅନୁଭବ କଲାପରେ ସେ ପ୍ରଥମେ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ଯାଇ ଡାକ୍ତରଙ୍କୁ ଦେଖାଇଥିଲେ। ଡାକ୍ତର ତାହା କର୍କଟ ରୋଗ ହୋଇଥିବା ସନ୍ଦେହ କରି ପରୀକ୍ଷା କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରାଥମିକ ଭାବେ କରିଥିବା ପରୀକ୍ଷାରେ ତାହା କର୍କଟ ରୋଗ ହୋଇଥିବା ଜଣାପଡ଼ିଥିଲା। ସ୍ତନ କର୍କଟ ରୋଗ ଦ୍ୱିତୀୟ ଷ୍ଟେଜରେ ଥିବା ଡାକ୍ତର କହିବା ପରେ ଆଉ ବଞ୍ଚିବେ ନାହିଁ ବୋଲି ସେ ମାନସିକ ଭାବେ ପ୍ରସ୍ତୁତ ହୋଇଥିଲେ। ତଥାପି ହାର ମାନି ନଥିଲେ। ପରେ ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମାଗଣା ଚିକିତ୍ସା ହେଉଥିବା ଜାଣିବା ପରେ ତାଙ୍କ କାର୍ଡରେ ଉକ୍ତ ଚିକିତ୍ସା କରିବା ପାଇଁ ଉଦ୍ୟମ କରିଥିଲେ। ବିଭାଗୀୟ ଅଧିକାରୀ ଓ ଅନ୍ୟ ରୋଗୀଙ୍କ ସହ ଆଲୋଚନା କରିବା ପରେ ଚିକିତ୍ସା ପାଇଁ ସେ ଛତିଶଗଡ଼ର ରାୟପୁରକୁ ଯାଇଥିଲେ। ସେଠାରେ ଥିବା ବାଲକୋ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେଠାରେ ମାଗଣାରେ ପରୀକ୍ଷା କରାଇଥିଲେ। କର୍କଟ ରୋଗ ଥିବା ସ୍ପଷ୍ଟ ହେବା ପରେ ଡାକ୍ତରଖାନା ପକ୍ଷରୁ ଚିକିତ୍ସା ମାଗଣାରେ ଆରମ୍ଭ କରାଯାଇଥିଲା। ପ୍ରଥମେ ଆଠଟି କେମୋ ନେବା ପରେ ସର୍ଜରୀ କରାଯାଇଥିଲା। ପରେ ପୁଣି ପର୍ଯ୍ୟାୟକ୍ରମେ ୧୬ ଥର ରେଡିଏସନ ଚିକିତ୍ସା କରାଯାଇଥିବା ନିରୁପମା ସୂଚନା ଦେଇଛନ୍ତି। ଏହି ସବୁପ୍ରକାର ଚିକିତ୍ସା ବିଏସକେୱାଇ ଯୋଜନାରେ କରାଯାଇଥିବା ସେ କହିଛନ୍ତି। ପାଖାପାଖି ୫-୬ ଲକ୍ଷ ଟଙ୍କାର ଚିକିତ୍ସା ମାଗଣାରେ ହୋଇପାରିଥିବାରୁ ସେ ଆଜି ସୁସ୍ଥ ଥିବା କହିଛନ୍ତି। ଏଥିପାଇଁ ସେ ଜୀବନ ଥିବା ପର୍ଯ୍ୟନ୍ତ ବିଏସକେୱାଇ ଯୋଜନା ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରେ ଋଣୀ ବୋଲି ପ୍ରତିକ୍ରିୟାରେ କହିଛନ୍ତି।

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ହ୍ୱିଲ୍‌ଚେୟାର ଦିବସ ପାଳିତ

**ବଲାଙ୍ଗିର,୧।୩(ସମିସ):** ବଲାଙ୍ଗିର ଜିଲ୍ଲା ପ୍ରଶାସନ, ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଶାସ୍ତ୍ରୀନଗରସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ଥଇଥାନ ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ, ଠାରେ ଅନ୍ତର୍ଜାତୀୟ ହ୍ୱିଲ ଚେୟାର ଦିବସ-୨୦୨୪ ପାଳିତ ହୋଇଯାଇଛି। ଭିନ୍ନକ୍ଷମଙ୍କ ଅନ୍ତର୍ଭୁକ୍ତ, ଅଭିଗମ୍ୟତା ଏବଂ ସଶକ୍ତିକରଣକୁ ପ୍ରୋତ୍ସାହନ ଦେବା ପାଇଁ ଆୟୋଜିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ସ୍ୱାମୀ ବିବେକାନନ୍ଦ ଜାତୀୟ ଥଇଥାନ ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ କେନ୍ଦ୍ରର ପରାମର୍ଶଦାତା ନିର୍ଦ୍ଦେଶକ ଗୁରୁବସ୍କ ଚାନ୍ଦ ଜାଗୋଟା ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା ପ୍ରମୁଖ ମଞ୍ଚାସୀନ ଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବ ପାଳନ ଉପଲକ୍ଷେ ୬ଟି ନୂଆ ହ୍ୱିଲ ଚେୟାର ଦିଆ ଯାଇଥିଲା। ସୂଚନା ଥାଉ କି, ଅନ୍ତର୍ଜାତୀୟ ହ୍ୱିଲଚେୟାର ଦିବସ- ୨୦୨୪ ପାଳନ ଅବସରରେ ସକାଳରେ ଏକ ସଚେତନତା ରାଲି (ୱାକାଥନ୍) ଆୟୋଜନ କରାଯାଇଥିଲା।




# ସାମ୍ବାଦିକ ଭବନ କମ୍ୟୁନିଟି ସେଣ୍ଟର୍‌ର ଭିତ୍ତିପ୍ରସ୍ତର ସ୍ଥାପନ

**ବଲାଙ୍ଗିର, ୧।୩ (ସମିସ):** ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ଭବନଠାରେ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବଲାଙ୍ଗିର ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି। ଶୁକ୍ରବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସେ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। କମ୍ୟୁନିଟି ସେଣ୍ଟରର ବ୍ୟୟ ଅଟକଳ ୧୦ ଲକ୍ଷ ଟଙ୍କା ରହିଥିବାବେଳେ ସାଂସଦ ପାଣ୍ଠିରୁ ଏହା ପ୍ରଦାନ କରାଯିବ। ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଶିବପ୍ରସାଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂ ଦେଓ, ଜିଲ୍ଲା ପରିଷଦ ସଭାପତି ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ ଯୋଗ ଦେଇଥିଲେ। ଜିଲ୍ଲା ସାମ୍ବାଦିକ ସଂଘର ସମ୍ପାଦକ ଶିଶିରକାନ୍ତ ଶତପଥୀ, ସାଙ୍ଗଠନିକ ସମ୍ପାଦକ ଶରତଚନ୍ଦ୍ର ମିଶ୍ର, ବରିଷ୍ଠ ସାମ୍ବାଦିକ ନବୀନ ପଶାୟତ, ଗୋପବନ୍ଧୁ ଶତପଥୀ, ରଞ୍ଜିତ ବେହେରା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପ୍ରଦୀପ୍ତ ମିଶ୍ର, ସଚିଦାନନ୍ଦ ବର୍ଗର୍ତ୍ତୀ, ଅଭିଳାଷ ହୋତା, ତରୁଣ ସାହୁ, ସନ୍ଦୀପ କୁଅଁର, ମୁକେଶ ବହିଦାର, ଚନ୍ଦ୍ରଭାନୁ ମୋଲଣା ଉପସ୍ଥିତ ଥିଲେ। ନାଗରିକ କମିଟି ସଭାପତି ଶ୍ରୀକର ମିଶ୍ର, ରେଳ ଉପଭୋକ୍ତା ସଂଘ ସଭାପତି ତରୁଣ ମିଶ୍ର, ପ୍ରଭାକର ମିଶ୍ର, ଦିବାକର ହୋତା ଉପସ୍ଥିତ ଥିଲେ।



# ଜମି ମାଫିଆ କବ୍‌ଜାରେ ସର୍ବସାଧାରଣ ନାଳ

**ତୁରେକେଲା, ୧।୩ (ସମିସ):** ତୁରେକେଲା ବ୍ଲକ ଚଟୁଅନକା ପଞ୍ଚାୟତ ବେହେରେନସିଲେଟ ଗାଁରୁ ଚଟୁଅନକା ଯିବା ରାସ୍ତା ମଝିରେ ଗୋଟିଏ ନାଳରେ ଅନେକ ଚାଷଜମିର ଜଳ ନିଷ୍କାସନ ହୋଇଥାଏ। ଚଳିତବର୍ଷ ବେହେରେନସିଲେଟ ଗାଁ ପକ୍କା ରାସ୍ତା କାମ ଆରମ୍ଭ ହେବା ପରେ ଅନେକ ଜମି ମାଫିଆ ବେହେରେନସିଲେଟ ଅଞ୍ଚଳରେ ସକ୍ରିୟ ହୋଇ ପଡ଼ିଛନ୍ତି। ଅନେକ ହରିଜନ, ଆଦିବାସୀ ଜମି କମ ଦରରେ କିଣି ଅଣଓଡ଼ିଆ ଜମି ମାଫିଆମାନେ ଚଢା ଦରରେ ବିକ୍ରି କରିବା ଆରମ୍ଭ କରିଛନ୍ତି। ଗାଁର ଆମ୍ବେଦକର ଯୁବକ ସଂଘ ସଦସ୍ୟମାନେ ସମ୍ପୃକ୍ତ ଜଣେ ଅଣଓଡ଼ିଆ ମାଫିଆ ସମ୍ପୃକ୍ତ ସର୍ବସାଧାରଣ ନାଳକୁ ଜବରଦଖଲ କରିଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ସଂଗଠନ ପକ୍ଷରୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜମି ମାଫିଆ ଦର୍ଶାଯାଇଛି। ସେ ବେହେରେନସିଲେଟ ଗାଁରେ ଜମି କିଣିଛନ୍ତି। ସେହି ଜମିକୁ ମାଟି ପକାଇ ସମାନ କରିଥିବା ବେଳେ ଜମିକୁ ଲାଗି ବହୁ ବର୍ଷ ଧରି ଏକ ନାଳ ଦେଇ ପାଣି ନିଷ୍କାସନ ହୁଏ; କିନ୍ତୁ ଜମି ମାଫିଆ ଜମି କିଣିବା ପରେ ସେହି ନାଳ ଉପରେ ମାଟି ପକାଇ ଦେଇଥିବାରୁ ଚାଷୀ ସମୂହ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗତ ବର୍ଷା ଋତୁରେ ଅନେକ ଚାଷ ଜମି ଜଳବନ୍ଦୀ ହୋଇ ରହିଯାଇଥିବା ବେଳେ ଅନେକ ଚାଷୀଙ୍କ ଚାଷ ନଷ୍ଟ ହୋଇଯାଇଥିଲା। ବିଭିନ୍ନ ସ୍ଥାନରୁ ସରକାରଙ୍କ ବିନା ରୟାଲଟିରେ ମାଟି ଉଠାଇ ଜମିକୁ ସମାନ କରାଯାଇଥିବା ମଧ୍ୟ ଅଭିଯୋଗ ହେଉଛି। ଏହା ବିରୋଧରେ ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆମ୍ବେଦକର ଯୁବକ ସଂଘ ପକ୍ଷରୁ ଦାବି କରାଯାଇଛି।



ମନ୍ଥର ମନରେଗା

# ପଡ଼ି ରହିଛି ଖେଳପଡ଼ିଆ, ଖେଳିବାକୁ ଜାଗା ନାହିଁ

**ବଲାଙ୍ଗିର/ମହିମୁଣ୍ଡା, ୧।୩(ସମିସ):** କ୍ରୀଡ଼ାର ଉନ୍ନତି ଓ ଦକ୍ଷ କ୍ରୀଡ଼ାବିତ ସୃଷ୍ଟି ପାଇଁ ଉନ୍ନତ ଖେଳପଡ଼ିଆ ନିତାନ୍ତ ଆବଶ୍ୟକ। ତେଣୁକରି ପ୍ରତିଟି ଗ୍ରାମପଞ୍ଚାୟତରେ ଥିବା ଖେଳପଡ଼ିଆର ଉନ୍ନତି ପାଇଁ ରାଜ୍ୟ ସରକାର ଅନୁଦାନ ଦେଉଛନ୍ତି। ହେଲେ ପୁଇଁତଲା ବ୍ଲକରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଉନ୍ନତିକରଣ ନାଁରେ ବର୍ଷାଧିକ କାଳ ବ୍ୟବହାର ଅଯୋଗ୍ୟ ହୋଇ ପଡ଼ିରହିଛି ଖେଳପଡ଼ିଆ। ଅନ୍ୟ କୌଣସି ସ୍ଥାନ ନୁହେଁ ପୁଇଁତଲା ବ୍ଲକକୁ ଲାଗି ରହିଥିବା ଖେଳପଡ଼ିଆର ଏ ଦୁର୍ଦ୍ଦଶା। ଏକବର୍ଷରୁ ଅଧିକ ସମୟ ହେଲା ଖେଳିବାକୁ ଜାଗା ପାଉନାହାନ୍ତି ପୁଇଁତଲା ଅଞ୍ଚଳର ଯୁବବର୍ଗ। କେବଳ ଯୁବକ ନୁହେଁ ପୁଇଁତଲା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଖେଳିବାକୁ ସ୍ଥାନ ନାହିଁ। କାରଣ ପୁଇଁତଲାରେ ରହିଥିବା ଖେଳପଡ଼ିଆ ଏବେ ବ୍ୟବହାର ଅଯୋଗ୍ୟ।

ଏହି ଖେଳପଡ଼ିଆର ଉନ୍ନତିକରଣ ପାଇଁ ଗତବର୍ଷ ମାଟିପକା କାମ ଆରମ୍ଭ କରାଯାଇଥିଲା। ମନରେଗା ଦ୍ୱାରା ଏହାର ଉନ୍ନତିକରଣ କାମ ହୋଇଥିଲା। ୨୦୨୨-୨୩ ଆର୍ଥିକ ବର୍ଷରେ ଏହି କାମ କରାଯାଇଥିଲା। ତେବେ ମାଟି ପଡ଼ିବା ଦିନଠାରୁ ଏହି ପଡ଼ିଆରେ ଖେଳିବା ବନ୍ଦ ହୋଇଛି। ଦୁଇ ତିନିମାସ ତଳେ ପୁଣିଥରେ ପଡ଼ିଆରେ ମାଟି ପକାଯାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ମାଟି ପକାଇବା ପରେ ତାକୁ ସମତୁଲ କରି ରୁଲର ଗଡ଼ାଇଲେ ଚାରିଆଡେ ସମାନ ହୁଅନ୍ତା। ମାଟି ପକାଇ ଛାଡି ଦିଆଯାଉଥିବାରୁ ପିଲାମାନେ ଖେଳିପାରୁ ନାହାନ୍ତି। ମନରେଗାରେ ମନ୍ଥର ଗତିରେ କାମ ଚାଲୁଥିବାରୁ ପଡ଼ିଆ ବର୍ଷାଧିକ କାଳ ହେଲା ବ୍ୟବହାରରେ ଆସୁନାହିଁ। ଏନେଇ ସ୍ଥାନୀୟ ଯୁବବର୍ଗଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଯଥାଶିଘ୍ର ପଡ଼ିଆର ମାଟିକୁ ସମାନ କରିବାକୁ ଦାବି ହେଉଛି।





# ବିଜେଡିର ମହିଳା କର୍ମୀ ସମ୍ମିଳନୀ

**ପାଟଣାଗଡ଼/ଖପ୍ରାଖୋଲ, ୧।୩(ସମିସ):** ଖପ୍ରାଖୋଲ ବ୍ଲକ ୪ ନମ୍ବର ଜୋନର ସାନଉଡେନ ଗ୍ରାମର ହାଇସ୍କୁଲ ଖେଳପଡିଆଠାରେ ପାଟଣାଗଡ଼ ବିଧାୟକ ସରୋଜ ମେହେରଙ୍କ ନେତୃତ୍ୱରେ ବିରାଟ ମହିଳା କର୍ମୀ ସମ୍ମିଳିନୀ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ଖପ୍ରାଖୋଲ ବ୍ଲକ ଅଧ୍ୟକ୍ଷା ନିରୁପମା ପୁଟେଲ, ଉପାଧ୍ୟକ୍ଷ ସୁଖୀରାମ ସାଣ୍ଟେ,ବିଧାୟକ ନୋମିନୀ ରମେଶ ପଧାନଙ୍କ ସହ ଦଳର ସମିତିସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ। ବିଧାୟକ ଶ୍ରୀ ମେହେର ରାଜ୍ୟ ସରକାରଙ୍କ ମହିଳା ମାନଙ୍କ ପାଇଁ କରାଯାଇଥିବା ବିଭିନ୍ନ ଯୋଜନା କିଭଳି ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହୋଇପାରିବ ସେନେଇ ମତ ରଖିଥିଲେ। ସମାବେଶରେ ଦଶ ହଜାରରୁ ଅଧିକ ମହିଳାଙ୍କ ଜନସମାଗମ ହୋଇଥିଲା।




# ଆଦିବାସୀଙ୍କ ପାଇଁ ପାଟଣାଗଡ଼ ବିଧାୟକ ଆସନ ସଂରକ୍ଷଣ ଦାବି

**ପାଟଣାଗଡ଼, ୧।୩ (ସମିସ):** ଜିଲ୍ଲା ଆଦିବାସୀ କଲ୍ୟାଣ ସଙ୍ଘ ପାଟଣାଗଡ଼ ଉପଖଣ୍ଡ ତରଫରୁ ପାଟଣେଶ୍ୱରୀ ଉତ୍ସବ ଭବନଠାରେ ପାଟଣାଗଡ଼ ନିର୍ବାଚନମଣ୍ଡଳୀରେ ଆଦିବାସୀ ମାନଙ୍କ ପାଇଁ ବିଧାୟକ ଆସନ ସଂରକ୍ଷଣ ଦାବି ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଦିବାସୀ କଲ୍ୟାଣ ସଙ୍ଘର ସମ୍ପାଦକ ଗିରିରାଜ ଭୋଇ, ପାଟଣାଗଡ଼ ଆଦିବାସୀ ସଂଘର ସଭାପତି ଭୁବନେଶ୍ୱର କୁଅଁର, ଖପ୍ରାଖୋଲ ସଭାପତି ଚନ୍ଦ୍ରଶେଖର ବରିହା, ଖପ୍ରାଖୋଲ ଉପସଭାପତି ଲକ୍ଷ୍ମୀ ଶବର, ବେଲପଡା ଉପସଭାପତି ଧନିରାମ ମିର୍ଧା, ଉପଦେଷ୍ଟା ପାଟଣାଗଡ଼ ମନୋଜ ଲୁହା, ଉପଦେଷ୍ଟା ଖପ୍ରାଖୋଲ ଯଦୁମଣି ବରିହା ପ୍ରମୁଖ ଉପସ୍ଥିତ ଥିଲେ। ପାଟଣାଗଡ଼ ନିର୍ବାଚନମଣ୍ଡଳୀରେ ୩୪ ପ୍ରତିଶତ ଆଦିବାସୀ ରହିଛନ୍ତି ଓ ଏକ ଲକ୍ଷରୁ ଅଧିକ ଆଦିବାସୀ ଭୋଟର ରହିଛନ୍ତି। ଗତ ୭ ଦଶନ୍ଧିରୁ ଅଧିକ ହୋଇଯାଇଥିଲେ ମଧ୍ୟ ପାଟଣାଗଡ଼ ନିର୍ବାଚନମଣ୍ଡଳୀରେ କେବଳ ଦୁଇଥର ଆଦିବାସୀଙ୍କ ପାଇଁ ଆସନ ସଂରକ୍ଷଣ ଥିଲା ତାପରେ ଆଉ ଆଦିବାସୀଙ୍କ ପାଇଁ ଆସନ ସଂରକ୍ଷଣ ହୋଇନାହିଁ ଏଣୁ ଆଗାମୀ ନିର୍ବାଚନରେ ପାଟଣାଗଡ଼ରେ ଆଦିବାସୀଙ୍କ ପାଇଁ ଆସନ ସଂରକ୍ଷତ କରାଯାଉବୋଲି ଜଣାଇଛନ୍ତି।

# ତୁରେକେଲା ମହାବିଦ୍ୟାଳୟର କାର୍ଯ୍ୟାଳୟ ଉଦ୍‌ଘାଟିତ

**ତୁରେକେଲା,୧।୩(ସମିସ):** ତୁରେକେଲା ପଞ୍ଚାୟତସମିତି ସ୍ନାତକ ମହାବିଦ୍ୟାଳୟର କାର୍ଯ୍ୟାଳୟ ଗୃହ ଶୁକ୍ରବାର କଣ୍ଟାବାଞ୍ଜି ପୂର୍ବତନ ବିଧାୟକ ତଥା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆୟୁବ ଖାନ ଉଦଘାଟନ କରିଛନ୍ତି। ସେ ବିଧାୟକ ଥିବା ସମୟରେ ଏହି ଉପାନ୍ତ ବ୍ଲକରେ ଥିବା ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ଏହି ପଞ୍ଚାୟତ ସମିତି ସ୍ନାତକ ମାହା ବିଦ୍ୟାଳୟ ଆରମ୍ଭ କରିଥିଲେ। ଏହି କଲେଜ୍ ଆରମ୍ଭ କରିବା ପାଇଁ ୧୩ ଲକ୍ଷ ୫୦ ହଜାର ଏବଂ ଜିଲ୍ଲା ପରିଷଦ କୌଶିକ ମେହେର ୩ ଲକ୍ଷ ଟଙ୍କା ପ୍ରଦାନ କରି ଏହି ମହାବିଦ୍ୟାଳୟ ଆରମ୍ଭ କରିଥିଲେ। ଆଗାମୀ ଦିନରେ ଏହି କଲେଜରେ ଅତିରିକ୍ତ କୋଠରୀ ନିର୍ମାଣ ପାଇଁ ଜିଲ୍ଲାପାଳଙ୍କ ତରଫରୁ ୧୦ ଲକ୍ଷ ଏବଂ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶିଙ୍କ ଦ୍ୱାରା ୧୦ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି। ପୂର୍ବତନ ବିଧାୟକ କହିଥିଲେ ଯେ ଆଗାମୀ ଦିନରେ ଏହି ଅଞ୍ଚଳରେ ଏକ ଆଇନ ବିଦ୍ୟାଳୟ ଏବଂ ବିଶେଷକରି ମହିଳାଙ୍କ ପାଇଁ ଏକ ବିଇଡି ପାଠ୍ୟକ୍ରମ ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ। କାର୍ଯ୍ୟକ୍ରମରେ ପ୍ରିନ୍ସିପାଲ ଉମାଶଙ୍କର ତପା, ଅଧାପକ ଗୌରାଙ୍ଗ ଦାସ, ତୁଳାମଣି ମାହାନନ୍ଦ, ଉମାକାନ୍ତ ବେହେରା, ଅମରଜ୍ୟୋତି ଯୋଶୀ, ଅଧାପିକା ଚିନ୍ମୟୀ ଦାସ, ଲଳିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିଠୁ ଲୋଇସିଂହା ଓ ମୁରିବାହାଲରେ ରହିବ ପୁରୀ-ଦୁର୍ଗ

**ବଲାଙ୍ଗିର, ୧।୩(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ଓ ମୁରିବାହାଲ ରେଳଷ୍ଟେସନଠାରେ ଶନିବାରଠାରୁ ରହିବ ପୁରୀ-ଦୁର୍ଗ ଏକ୍ସପ୍ରେସ। ଏନେଇ ପୂର୍ବରୁ ଘୋଷଣା ହୋଇସାରିଥିବା ବେଳେ ଏହି ରହଣିକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ସାହ ପ୍ରକାଶ ପାଇଛି। ସୂଚନା ଅନୁସାରେ ଟ୍ରେନ ନଂ ୧୮୪୨୫/୧୮୪୨୬ ପୁରୀ -ଦୁର୍ଗ ଏକ୍ସପ୍ରେସ ଶୁକ୍ରବାର ରାତ୍ରିରେ ପୁରୀ ଓ ଦୁର୍ଗରୁ ଛାଡିବ। ଶନିବାର ସକାଳୁ ପୁରୀ-ଦୁର୍ଗ ଏକ୍ସପ୍ରେସ(୧୮୪୨୫) ଲୋଇସିଂହାଠାରେ ୩.୫୮ ମିନିଟରେ ପହଞ୍ଚି ୪ ଟାରେ ଛାଡିବ। ସେହିପରି ମୁରିବାହାଲରେ ସକାଳ ୬.୧୦ ମିନିଟରେ ପହଞ୍ଚି ୬.୧୨ ମିନିଟରେ ଛାଡିବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଦୁର୍ଗ-ପୁରୀ (୧୮୪୨୬) ସନ୍ଧ୍ୟା ୮.୨୫ ମିନିଟରେ ମୁରିବାହାଲରେ ପହଞ୍ଚି ୮.୨୭ ମିନିଟରେ ଛାଡିବ। ସେହିପରି ଉକ୍ତ ଏକ୍ସପ୍ରେସ ଟ୍ରେନ ରାତି ୧୦.୨୫ ମିନିଟରେ ଲୋଇସିଂହା ପହଞ୍ଚି ୧୦.୨୭ ମିନିଟରେ ଛାଡିବ ବୋଲି ରେଲବାଇ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ଟ୍ରେନ ରହଣି ପାଇଁ ଉକ୍ତ ଅଞ୍ଚଳବାସୀ ଦୀର୍ଘଦିନରୁ ଦାବି କରିଆସୁଥିବା ବେଳେ ଶେଷରେ ପରୀକ୍ଷାମୂଳକ ଭାବେ ରେଳ ବିଭାଗ ପକ୍ଷରୁ ଷ୍ଟପେଜ ନେଇ ଘୋଷଣା କରାଯାଇଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

# ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ସଚେତନତା

**ଖପ୍ରାଖୋଲ, ୧।୩(ସମିସ):** ଖପ୍ରାଖୋଲ ବ୍ଲକ ସାହାଜପାଣି ପଞ୍ଚାୟତ ଫୁଲକିମୁଣ୍ଡା ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୋପାଳଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ମହରାପଦର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନବକିଶୋର ନନ୍ଦ, ମୁଖ୍ୟବକ୍ତା ରୂପେ ଘୁନସର ଆରବିଏସଏସ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ରଜତ ମିଶ୍ର, ସମ୍ମାନିତ ଅତିଥି ରୂପେ ପରିବେଶ କର୍ମୀ ଅଭୟ ତ୍ରିପାଠୀ, ଅଧ୍ୟାପକ ସୂରଜ୍ ଭୋଇ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନେ ମଧ୍ୟ ବର୍ଜ୍ୟବସ୍ତୁର ଉପକରଣ, ଗୃହ ସାଜସଜ୍ଜା ପ୍ରସ୍ତୁତ କରିଥିଲେ। ପରେ ଏକ ସଚେତନତା ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲା। ସହଦେବ ପତି, ଅତସି ସାହୁ, ଗୋପୀକୃଷ୍ଣ ଦଲାଇ, ଅମର ସିଂ ମାଝୀ, ନିଳିମା ମିଶ୍ର, ଗଗନ ସାହୁ, ଜଗବନ୍ଧୁ ବେହେରା, ଲିଙ୍ଗରାଜ ମାଝୀ, ଡିଲେଶ୍ୱର୍ ମେହେର, ଦୀନବନ୍ଧୁ ଚାରବେମାଲ, ଉମାକାନ୍ତ ପ୍ରଧାନ ଉପସ୍ଥିତ ଥିବା ବେଳେ ଶିକ୍ଷକ ଭୁବନେଶ୍ୱର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# କଣ୍ଟାବାଞ୍ଜିର ନିରନ୍ତର ଟ୍ରାଫିକ୍ ସମସ୍ୟା; ପ୍ରଶାସନ ଉଦାସୀନ

ତୁରେକେଲା, ୧।୩ (ସମିସ)

ପଶ୍ଚିମଓଡ଼ିଶାର ବ୍ୟବସାୟିକ ସହର ପରିଚିତ କଣ୍ଟାବାଞ୍ଜି ସହରରେ ଏବେ ଗହଳି ବୃଦ୍ଧି ଯୋଗୁଁ ସାଧାରଣ ଲୋକମାନେ ନାକେଦମ୍ ହୋଇ ରହିଛନ୍ତି। ସହରରେ ଟ୍ରାଫିକ ସମସ୍ୟା ମୁଖ୍ୟ କାରଣ ସାଜିଛି। ସ୍ଥାନୀୟ ପ୍ରଶାସନ କୌଣସି ପ୍ରକାର

## ଭାରୀଯାନ ପାଇଁ ବଢୁଛି ଜାମ୍ ଓ ଦୁର୍ଘଟଣା

ପଦକ୍ଷେପ ନେଉନାହିଁ। ଗତବର୍ଷ କଣ୍ଟାବାଞ୍ଜି ପୁଲିସ ପକ୍ଷରୁ ସହର ବ୍ୟବସାୟଙ୍କୁ ନେଇ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସୋମବାର ଓ ଶୁକ୍ରବାର କଟକଣା ଜାରୀ କରିବାକୁ କୁହାଯାଇଥିଲା; କିନ୍ତୁ ସେହି କଥା ବୈଠକରେ ରହିଗଲା। ସହରରେ ଅନେକ ରାସ୍ତା ବ୍ୟବସାୟୀଙ୍କ ଜବରଦଖଲରେ ରହିଥିବା ବେଳେ ମୁଖ୍ୟସଡ଼କ ଉପରେ ବଡ ବଡ ଗାଡି ରଖି ବ୍ୟବସାୟୀମାନେ ତାଙ୍କ ସାମଗ୍ରୀ ଲୋଡ, ଅନ୍‌ଲୋଡ୍ କରିଥାନ୍ତି। ଭାରୀଯାନ ପ୍ରବେଶର କୌଣସି ସମୟ ନାହିଁ। ଦିନ ରାତି ବଡ ବଡ ଗାଡି ସହର ଭିତରେ ପ୍ରବେଶ କରୁଛି। ଟ୍ରାଫିକ ଜାମ୍ କରିବା ସହ ପ୍ରଦୂଷଣ ବଢାଉଛି। ଟ୍ରାଫିକ ଯୋଗୁଁ ସ୍କୁଲ କଲେଜ ଯାଉଥିବା ଛାତ୍ରଛାତ୍ରୀଙ୍କ ସହ ଅନେକ ସରକାରୀ ବେସରକାରୀ କର୍ମଚାରୀ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ୍‌ରେ ଫସି ରହିଥାନ୍ତି ଯାହାଫଳରେ ତାଙ୍କୁ ଯିବାକୁ ବିଳମ୍ବ ହୁଏ। ଅନ୍ୟପକ୍ଷରେ, ଏନ୍‌ଏସି ପ୍ରଶାସନ ଅଳିଆ ଆବର୍ଜନ ସଫା କରି ରାସ୍ତା ଉପରୁ ବାଲି ସଫା କରିବା ଭୁଲି ଯାଉଥିବା ଦେଖାଯାଉଛି। ଏହି ଟ୍ରାଫିକ ସମସ୍ୟାକୁ ଗୁରୁତର ଭାବେ କଣ୍ଟାବାଞ୍ଜି ପ୍ରଶାସନ ଉଚିତ ସମନ୍ୱୟ ରକ୍ଷା କରି ସମାଧାନ କରିବାକୁ ଦାବି ହୋଇଆସୁଛି। ଆଜିଯାଏ ପ୍ରଶାସନ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିନାହିଁ। ତାହାକୁ ନେଇ ଜନଅସନ୍ତୋଷ ପ୍ରକାଶ ପାଇଛି। ସହର ଭିତରେ ଅନେକ ବଡ ବଡ ଦୋକାନ ବଜାର ରହିଛି ହେଲେ କାଭା କିଛି ଲୋକ ପାର୍କିଙ୍ଗ ବ୍ୟବସ୍ଥା କରିଥିବା ବେଳେ ଅନେକ ଦୋକାନ ପାର୍କିଙ୍ଗ ଗୃହ ନିର୍ମାଣ କରିନାହାନ୍ତି। ଗ୍ରାହକମାନେ ରାସ୍ତା ଉପରେ ଯାନବାହନ ରଖୁଥିବା ଦେଖାଯାଇଛି। ବଲାଙ୍ଗିର ଜିଲ୍ଲା ପ୍ରଶାସନ ଟ୍ରାଫିକ ନିୟନ୍ତ୍ରଣ କରିବୁ ସମନ୍ୱିତ ପଦକ୍ଷେପ ନେବାକୁ ମତ ପ୍ରକାଶ ପାଇଛି।



## ସେମାନେ କହନ୍ତି..



କଣ୍ଟାବାଞ୍ଜି ଟ୍ରାଫିକ ସମସ୍ୟାକୁ ପୁଲିସ ପ୍ରଶାସନ ଗୁରୁତର ଦେଉନାହିଁ କି ପାଟ୍ରୋଲିଙ୍ଗ କରି ବଡ ବଡ ଗାଡି ଉପରେ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ପ୍ରତୋକ ଦିନ ବଙ୍ଗୋମୁଣ୍ଡା ଫାଟକ ନିକଟରେ କିଛି ନା କିଛି ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ରାସ୍ତା ଉପରେ ସବୁ ବେଳେ ଗାଇଗୋରୁ ରହୁଛନ୍ତି। ସହର ଭିତରେ ଧୂଳି ପ୍ରଦୂଷଣ ହେଉଛି, ଏନ୍‌ଏସିର ନିଘା ନାହିଁ। ଧୂଳି ପ୍ରଦୁଷଣ ଯୋଗୁଁ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେଉଛି।

**ବ୍ରଜଶ୍ୟାମ ଗୁରୁ, ଆଇନଜୀବୀ**



ଟ୍ରାଫିକ ସମସ୍ୟାକୁ ନେଇ ଆମେ ଅନେକଥର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛୁ ଏବଂ ଲିଖିତ ଭାବେ ମଧ୍ୟ ଦେଇଛୁ। ପ୍ରଶାସନ ନଜର ଦେଉନାହିଁ। କଣ୍ଟାବାଞ୍ଜି ସହରରେ ଅନେକ ଭାରୀଯାନ ଦିନରାତି ଯାତାୟାତ କରୁଥିବା ବେଳେ ଧୂଳି ମଧ୍ୟ ହେଉଛି। ଯାହାଫଳରେ ଲୋକଙ୍କ ସ୍ୱାସ୍ଥ୍ୟ ଖରାପ ହେଉଛି। କଣ୍ଟାବାଞ୍ଜି ସହର ଭିତରକୁ ସକାଳ ୮ରୁ ସନ୍ଧ୍ୟା ୮ ପର୍ଯ୍ୟନ୍ତ ଭାରୀଯାନକୁ ପ୍ରବେଶ ନିଷେଧ କରାଯାଉ।

**ସୁରଥ ବେହେରା, ଆପ୍ ନେତା**



କଣ୍ଟାବାଞ୍ଜିର ଟ୍ରାଫିକ ପରିଚାଳନା ବ୍ୟବସ୍ଥିତ ଢଙ୍ଗରେ ହେବା ଉଚିତ। ଭାରୀଯାନଗୁଡ଼ିକୁ ଭିଡ ସମୟରେ ସହର ଭିତରକୁ ଛାଡିବା ଉଚିତ ନୁହେଁ। ବାଇପାସ ରାସ୍ତା ପାଇଁ ମଧ୍ୟ ଆରମ୍ଭ ହେବା ଆବଶ୍ୟକ। ସହର ଭିତରେ ବୁଲା ଗାଇଗୋରୁମାନଙ୍କୁ ନିଅନ୍ତ୍ରଣ କରିବା ମଧ୍ୟ ଜରୁରୀ। ସହର ମଧ୍ୟରେ ହେଉଥିବା ଭାରୀଯାନ ପାର୍କିଙ୍ଗ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ଦେବା ଦରକାର।

**ସଞ୍ଜୟ ମିଶ୍ର, ବୁଦ୍ଧିଜୀବୀ**



ସୋମବାର ଓ ଶୁକ୍ରବାର କଣ୍ଟାବାଞ୍ଜି ସହରରେ ବଜାର ହୋଇଥିବା ବେଳେ ଭାରୀଯାନ ଚଳାଚଳ କିଛି ଘଣ୍ଟା ସମୟ ଜାରି କରି ପ୍ରଶାସନ ବନ୍ଦ କରିବା କଥା କିନ୍ତୁ ସବୁ ବେଳେ ବଡ ବଡ ଗାଡି ସହର ଭିତରେ ପ୍ରବେଶ କରୁଛି। ପ୍ରଶାସନ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଅନ୍ତୁ।

**ରାଜୁ ବାରିକ, ସାମାଜିକ କର୍ମୀ**

# ଆନ୍ତର୍ଜାତିକ ହୁଇଲ୍‌ଚେୟାର ଦିବସ ପାଳିତ




**ସୋନପୁର, ୧।୩ (ସମିସ):** ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରଠାରେ ଜିଲ୍ଲା ପ୍ରଶାସନ ତରଫରୁ ଆନ୍ତର୍ଜାତିକ ହୁଇଲ ଚେୟାର ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହାସହ ସମସ୍ତ ଦିବ୍ୟାଙ୍ଗଙ୍କୁ ସମାଜର ମୁଖ୍ୟସ୍ରୋତରେ ପହଞ୍ଚାଇବା ନିମନ୍ତେ ସବୁ ସ୍ତରରେ ଆବଶ୍ୟକ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡ. ଦୁର୍ଗାଦତ୍ତ ଦାଶ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅସ୍ଥିଶଲ୍ୟ ବିଶେଷଜ୍ଞ ଡ. କୃତିବାସ ସୁବୁଦ୍ଧି, ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜୁଲି ଦେହେରୀ, ନନ୍ଦିନୀ ନାୟକ ଏବଂ ଭୂମିସୂତା କୁମ୍ଭାରଙ୍କୁ ସିଲେଇ ମେସିନ୍ ପ୍ରଦାନ କରାଯାଇଥିଲା। ୨୭ ଜଣଙ୍କୁ ହ୍ୱିଲଚେୟାର ଏବଂ ୫ ଜଣଙ୍କୁ ତିନିଚକିଆ ସାଇକଲ ପ୍ରଦାନ କରାଯାଇଥିଲା। ମ୍ୟୁଜିକ୍ ଚେୟାର (ହ୍ୱିଲ ଚେୟାର), ପେଗ୍ ବୋର୍ଡ ପଜଲ୍, ହିଟିଂ ଦ ଟାର୍ଗେଟ ଏବଂ ରଙ୍ଗୋଲି ପ୍ରତିଯୋଗିତାରେ କୃତୀ ଭିନ୍ନକ୍ଷମ ପ୍ରତିଯୋଗୀଙ୍କୁ ପୁରସ୍କାର ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ଭିନ୍ନକ୍ଷମଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ତରଭା ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କର୍ଣ୍ଣ ସଂଯୋଜନା କରିଥିବା ବେଳେ ଉଲୁଣ୍ଡା ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ ଭୂଷଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଇଣ୍ଟିଗ୍ରେଟେଡ୍ ହ୍ୟାଣ୍ଡଲୁମ୍ ୟୁନିଟ୍‌ର ଭିତ୍ତିପ୍ରସ୍ତର ସ୍ଥାପନ

**ସୋନପୁର, ୧।୩ (ସମିସ)**




ତନ୍ତକଳାର ମାଟି ସୁବର୍ଣ୍ଣପୁରରେ ବୟନ ଶିଳ୍ପ କ୍ଷେତ୍ରରେ ଆଉ ଏକ ସଫଳତାର ଫର୍ଦ୍ଦ ଯୋଡି ହୋଇଯିବ। ସୋନପୁରରେ ପ୍ରତିଷ୍ଠା ହେବ ଅତ୍ୟାଧୁନିକ ଇଣ୍ଟିଗ୍ରେଟେଡ୍ ହ୍ୟାଣ୍ଡଲୁମ୍ ୟୁନିଟ୍। ଭର୍ଚୁଆଲ୍ ମାଧ୍ୟମରେ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ଇଣ୍ଟିଗ୍ରେଟେଡ୍ ହ୍ୟାଣ୍ଡଲୁମ୍ ୟୁନିଟ୍ ଅରୁନ୍ଧତୀ ବାନ୍ଧକଳା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି।

ସୋନପୁର ଟାଉନ୍‌ହଲଠାରେ ଅନୁଷ୍ଠିତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ହସ୍ତତନ୍ତ ଓ ବୟନ ଶିଳ୍ପମନ୍ତ୍ରୀ ରୀତା ସାହୁ, ଜିଲ୍ଲାପାଳ ଅନ୍ୟା ଦାସ, ପଦ୍ମଶ୍ରୀ ଚର୍ତୁଭୂଜ ମେହେର, ଅରୁନ୍ଧତି ଗ୍ରୁପ୍‌ର ଏମ୍‌ଡି ବ୍ରହ୍ମାନନ୍ଦ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ବୟନ ଶିଳ୍ପ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବହୁ ବାନ୍ଧଶିଳ୍ପୀଙ୍କୁ ଏହି ସମାରୋହରେ ସମ୍ବର୍ଦ୍ଧିତ କରାଯାଇଥିଲା। ସୁବର୍ଣ୍ଣପୁର ଜିଲ୍ଲାରେ ୧୦ ଏକର ପରିମିତ ଜାଗାରେ ଏହି ଅତ୍ୟାଧୁନିକ ରିସର୍ଚ୍ଚ ଏଣ୍ଡ ଡେଭଲପମେଣ୍ଟ ସେଣ୍ଟର ନିର୍ମାଣ ହେବ। ଇଣ୍ଟିଗ୍ରେଟେଡ୍ ହ୍ୟାଣ୍ଡଲୁମ୍ ୟୁନିଟ୍‌ରେ ୩ ହଜାର ହ୍ୟାଣ୍ଡଲୁମ୍ ରହିବ। ୫୫ ହଜାର କୋଟି ଟଙ୍କା ବ୍ୟୟରେ ଏହି ୟୁନିଟ୍ ନିର୍ମାଣ ହେବ। ଏହା ଦ୍ୱାରା ୯ ହଜାର ୩୫ ଜଣ କର୍ମ ନିଯୁକ୍ତି ପାଇବେ। ଏଠାରେ ଟ୍ରେନିଂ ସେଣ୍ଟର, ୱାର୍କସେଡ୍, ଅଡିଟୋରିୟମ ଏବଂ ହେଣ୍ଡଲୁମ୍ ମ୍ୟୁଜିୟମ୍ ରହିବ। ଯୁବ ପିଢିଙ୍କୁ ପାରମ୍ପରିକ ବାନ୍ଧକଳା ପ୍ରତି ଆକୃଷ୍ଟ କରିବା ସହ ବୁଣାକାରଙ୍କ ଜୀବନ ଜୀବିକାର ଅଭିବୃଦ୍ଧି ଲକ୍ଷ୍ୟନେଇ ଇଣ୍ଟିଗ୍ରେଟେଡ୍ ହ୍ୟାଣ୍ଡଲୁମ୍ ୟୁନିଟ୍ ସ୍ଥାପନର ପରିକଳ୍ପନା କରାଯାଇଛି।

### ମୁକୁଳା ଡ୍ରେନ୍‌ରେ ପଡ଼ି ଗୁରୁତର ହେବା ଘଟଣା

# ଭୁବନେଶ୍ୱରରେ ଆହତଙ୍କ ଚିକିତ୍ସାଧୀନ ମୃତ୍ୟୁ

**ଚାରିଛକ, ୧।୩(ସମିସ):** ହରଭଙ୍ଗା ବ୍ଲକ୍ ଅନ୍ତର୍ଗତ ଧଳପୁର ବଜାର ପୂର୍ବରାସ୍ତାର ମୁକୁଳା ଡ୍ରେନରେ ଗତ ୨୪ ତାରିଖ ଜଣେ ସାଇକଲ ଆରୋହୀ ପଡ଼ି ଯାଇଥିଲେ। ସେ ଗୁରୁତର ଆହତ ହୋଇ ଭୁବନେଶ୍ୱରରେ ଚିକିତ୍ସାଧିନ ଥିବା ବେଳେ ତାଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ତାଙ୍କ ଆଖି ଭିତରକୁ ଏକ ଲୁହା ରଡ୍ ପଶି ଯାଇଥିବା ଜଣାପଡ଼ିଛି। ମୃତକ ହେଉଛନ୍ତି ପିତାମ୍ବରପୁର ପଞ୍ଚାୟତ ଶ୍ରଦ୍ଧାପୁର ଗ୍ରାମର ସୁଶୀଳ କର୍ଣ୍ଣ (୫୫)। ଏକ ସାଇକଲ ଯୋଗେ ଶାକୁସିଙ୍ଗା ନିଜ ସମ୍ପର୍କୀୟ ଘରକୁ ଯାଉଥିଲେ। ଧଳପୁର ବଜାର ଅତିକ୍ରମ କରୁଥିବା ସମୟରେ ଦୁର୍ଭାଗ୍ୟବଶତଃ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ମୁକୁଳା ଡ୍ରେନ ଭିତରେ ପଡିଯାଇଥିଲେ। ଆଖପାଖ ଲୋକେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଧଳପୁର ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ମୃତଶରୀର ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଦୀର୍ଘ ୩ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଉକ୍ତ ରାସ୍ତା ନିର୍ମାଣକାରୀ ଠିକାସଂସ୍ଥା ଧଳପୁରରେ ନିର୍ମାଣାଧୀନ ଡ୍ରେନଟିକୁ ଅଧପନ୍ତରିଆ ଭାବେ ପକାଇ ରଖିଥିବା ବେଳେ ଛୋଟବଡ ଦୁର୍ଘଟଣା ମାନ ଘଟୁଛି। ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ସମ୍ପୃକ୍ତ ଠିକାସଂସ୍ଥା ଓ ବିଭାଗର ଖାମଖିଆଲି ଓ ବେପରୁଆ ମନୋଭାବ ଯୋଗୁଁ ଏଭଳି ଅଘଟଣା ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

### ● ଗନ୍ଧରାଡ଼ିରେ ମୂର୍ତ୍ତି ସ୍ଥାପନ ବିବାଦ

## ହଟିଲେ ନଟବର ପୁନଃସ୍ଥାପିତହେଲେ ବୃଷଭ

ବୌଦ୍ଧ, ୧।୩(ସମିସ): ଐତିହାସିକ ଗନ୍ଧରାଡ଼ି ମନ୍ଦିର ପାର୍ଶ୍ୱରେ ଥିବା ଦୁଇଟି ବୃଷଭ ମୂର୍ତ୍ତି ମଧ୍ୟରୁ ବାମ ପାର୍ଶ୍ୱର ବୃଷଭ ମୂର୍ତ୍ତିକୁ ଭୁବନେଶ୍ୱରର ଏକ ସଂସ୍ଥା ହଟାଇ ସେଠାରେ ସ୍ୱର୍ଗତ ନଟବର



ପ୍ରଧାନଙ୍କ ମୂର୍ତ୍ତି ସ୍ଥାପନ କରିବା ଉଦ୍ୟମ ଫସର ଫାଟିଛି। ସେବାୟତ ଓ ଭକ୍ତଙ୍କ ହସ୍ତକ୍ଷେପ ପରେ ଗୁରୁବାର ରାତିରେ ପୁଣି ବୃଷଭ ମୂର୍ତ୍ତିକୁ ଯହିଁ ତହିଁ ଭାବେ ସ୍ଥାପନ କରି ଠିକା ସଂସ୍ଥା ଫେରାର ମାରିଛି। ବୌଦ୍ଧ ଥାନା ଆଇଆଇସି ରଞ୍ଜିତ କୁମାର ମୁନିଙ୍କ ଉପସ୍ଥିତିରେ ସେବାୟତ ଓ ଠିକା ସଂସ୍ଥା ମଧ୍ୟରେ ହୋଇଥିବା ଆଲୋଚନାର କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ତେବେ ସେଠାରେ ସ୍ଥାପନ ହେବାକୁ ଥିବା ନଟବର ପ୍ରଧାନଙ୍କ ମୂର୍ତ୍ତି କୁଆଡେ ଗଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଠିକାସଂସ୍ଥା ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଆସିଥିବା କହୁଥିବା ବେଳେ ପରିସ୍ଥିତି ଖରାପ ହେବାରୁ ନଟବର ପ୍ରଧାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହୋଇପାରି ନାହିଁ। ତେବେ ବୃଷଭ ମୂର୍ତ୍ତିକୁ ସ୍ଥାୟୀ ଭାବରେ ସ୍ଥାପନ କରା ନଗଲେ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା; ଜଣେ ମୃତ, ୨ ଆହତ

**ଡୁଙ୍ଗୁରିପାଲି,୧।୩(ସମିସ):** ବଲାଙ୍ଗିର-ବରଗଡ଼ ୨୬ ନମ୍ବର ଜାତୀୟ ରାଜପଥ ଡୁଙ୍ଗୁରିପାଲି ପେଟ୍ରୋଲ ପମ୍ପ ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଜଣଙ୍କର ମୃତ୍ୟୁ ହୋଇଥିଲା ବେଳେ ଆଉ ଦୁଇ ଜଣ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ, ମୃତକ ହେଉଛନ୍ତି ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ୍ ଜାମୁଟବାହାଲ ଗାଁର ମହାଜନ ସିଂ। ସେ ସମ୍ପର୍କୀୟ ଝିଅକୁ ବାଇକ ଯୋଗେ ବରପାଲି କଲେଜ ପରୀକ୍ଷା କେନ୍ଦ୍ରକୁ ନେଉଥିବା ବିପରୀତ ଦିଗରୁ ଖୁଣ୍ଟପାଲି ଗ୍ରାମର ପିଣ୍ଟୁ କୁମ୍ଭାର ଓ ଦେବାଶିଷ ବାରିକଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ମହାଜନଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଉଭୟ ଆହତଙ୍କୁ ଡୁଙ୍ଗୁରିପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ପୁଲିସ ତଦନ୍ତ ଆରମ୍ଭ କରିଛି। ଅପରପକ୍ଷରେ, ୧୦୮ ଆମ୍ବୁଲାନ୍ସ ନ ଆସିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା।



## ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ଦୁଇ ପୀଡ଼ିତା

**ବୌଦ୍ଧ, ୧।୩(ସମିସ):** ବୌଦ୍ଧ ଥାନା ବଘିଆପଡା ଫାଣ୍ଡି ଫୁରୁଡା ନିକଟରେ ତୁତୁମସିଂ ଗ୍ରାମର ଦୁଇ ଜଣ ମହିଳାଙ୍କୁ ୪ ଜଣ ଯୁବକ କରିଥିବା ଅସଦାଚରଣ ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଏସପିଙ୍କ ନିକଟରେ ଫେରାଦ୍ ହୋଇଛନ୍ତି ଦୁଇ ମହିଳା। ଗତ ମଙ୍ଗଳବାର ପ୍ରାୟ ୧୧ଟା ସମୟରେ ଦୁଇ ଜଣ ମହିଳା ଟିକରପଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରୁ ଫେରୁଥିବା ସମୟରେ ବଘିଆପଡା ଗ୍ରାମର ଜଣେ ଯୁବକଙ୍କ ସହ ଅନ୍ୟ ୩ ଜଣ ଯୁବକ ଟଣାଓଟରା କରି ଶାଢି ଆଦି ଚିରି ଦେବା ସହ ଜାତିଆଣ ଆକ୍ଷେପ କରିଥିବା ବଘିଆପଡା ଫାଣ୍ଡିରେ ଅଭିଯୋଗ ହୋଇଛି। ଆଜି ପର୍ଯ୍ୟନ୍ତ ମାମଲା ସମ୍ପର୍କରେ ବୌଦ୍ଧ ଥାନା ପୁଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବାରୁ ଉଭୟ ମହିଳା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ ଆଶ୍ୱାସନା ଦେଇଥିବା ସୂଚନା ମିଳିଛି।




## ପୁରୁଣାକଟକ ବଜାରରୁ ବାଇକ୍ ଚୋରି

**ଚାରିଛକ, ୧।୩(ସମିସ):** ହରଭଙ୍ଗା ବ୍ଲକ ପୁରୁଣା କଟକ ବଜାରରୁ ଏକ ବାଇକ୍ ଚୋରି ହୋଇଥିବା ଜଣାପଡ଼ିଛି। ସହରର ନାରଦ ସେଠୀଙ୍କ ବାଇକ୍ (ଓଡ଼ି ୨୭ଏ ୯୪୦୩) ଟି ଚୋରି ହୋଇଯାଇଛି। ଆଖପାଖରେ ଖୋଜାଖୋଜି କରି ପାଇ ନଥିଲେ। ଏନେଇ ଶ୍ରୀ ସେଠୀ ପୁରୁଣାକଟକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ପୁରୁଣା କଟକ ଅଞ୍ଚଳରେ ବାଇକ୍ ଚୋରି ରାକେଟ ସକ୍ରିୟ ରହିଥିବା ବେଳେ ପୁଲିସ୍ ଏହାର ଟେର ପାଉନି। ପାଟ୍ରୋଲିଙ୍ଗ କଡ଼ାକଡ଼ି କରିବା ସହ ଅଭିଯୁକ୍ତଙ୍କୁ ଶୀଘ୍ର ଧରିବାକୁ ଦାବି ହେଉଛି।

## କନ୍ଧମାଳ କ୍ଷୁଦ୍ର ଜଳସେଚନ ବିଭାଗରେ ସବୁଦିନ ତାଲା !

**ଶଗଡା,୧।୩(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ହେଉଛି ଏକ ଉପାନ୍ତ ଅଞ୍ଚଳ। ଏହି ବ୍ଲକ ସଦର ମହକୁମାରେ ରହିଛି କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟ। ଏହି ବିଭାଗରେ ଜଣେ କନିଷ୍ଠ ଯନ୍ତ୍ରୀ ନିଯୁକ୍ତି ପାଇଛନ୍ତି। ପ୍ରାୟ ଦିନରେ କାର୍ଯ୍ୟାଳୟରେ ତାଲା ପଡୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଯାହାଫଳରେ ନିତ୍ୟ ବ୍ୟବହାର୍ଯ୍ୟ ପୋଖରୀଗୁଡ଼ିକରେ କାମ ନ ହୋଇ ଠିକାଦାରଙ୍କ ଇସାରାରେ ଅଦରକାରୀ ପୋଖରୀଗୁଡ଼ିକର କାମ ହେଉଥିବା ଅଭିଯୋଗ ହୋଇଛି। ଏହି ସ୍ଥାନରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ନିଜ ଘରେ ରହି ନିଜ ମନଇଚ୍ଛା କାମ କରୁଥିବା ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ସମସ୍ୟା ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ପ୍ରଦୀପ ମେହେରଙ୍କୁ ପଚାରିବାରୁ ଅଭିଯୋଗକୁ ସ୍ୱୀକାର କରିବା ସହ ମୋତେ ପ୍ରାୟ ସମୟରେ ବାହାର କାମ ପଡେ ବୋଲି ସଫେଇ ଦେଇଛନ୍ତି। ତେବେ ଯନ୍ତ୍ରୀ ଅନୁପସ୍ଥିତ ଥିବା ହେତୁ ଲୋକେ କାମ ପାଇଁ ଆସି ବହୁ ହଇରାଣ ହେଉଛନ୍ତି। ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଉକ୍ତ କାର୍ଯ୍ୟାଳୟ ସବୁଦିନ ଖୋଲାଯିବାକୁ ମତ ପ୍ରକାଶ ପାଇଛି।



## ନିମ୍ନମାନର ପୋଲ ନିର୍ମାଣ ଅଭିଯୋଗ

### ● ବିନା ସୂଚନାଫଳକରେ ପ୍ରକଳ୍ପ

**ଶଗଡା,୧।୩(ସମିସ):** କଣ୍ଟାମାଳ-ସିନ୍ଧିଗୋରା ରାସ୍ତାର ମଲିକୁଦ ନିକଟରେ ଥିବା ନାଳ ଉପରେ ଏକ ପୋଲ ନିର୍ମାଣ ଚାଲିଛି। ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ନିର୍ମାଣ ଚାଲିଥିବା ଉକ୍ତ ପୋଲଟି ଅତି ନିମ୍ନମାନର ନିର୍ମାଣ କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇଛି। ଏହି ପୋଲରେ ବ୍ୟବହୃତ ହୋଇଥିବା ଲୁହାରଡ, ସିମେଣ୍ଟ ଆଦି ଅତି ନିମ୍ନମାନର ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଯାହାଫଳରେ ଉକ୍ତ ପୋଲର ସ୍ଥାୟିତ୍ୱକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁଣି କୌଣସି ସୂଚନାଫଳକ ନଥିବାରୁ ଅଞ୍ଚଳବାସୀଙ୍କ ମନରେ ନାନା ପ୍ରଶ୍ନ ଉଙ୍କି ମାରୁଛି। ସରକାର କୋଟି କୋଟି ଟଙ୍କା ବ୍ୟୟ କରି ରାସ୍ତା ଓ ପୋଲ ନିର୍ମାଣ କରୁଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ କାମ ନିମ୍ନମାନର ହେଉଥିବା ଜଣାପଡ଼ିଛି। ସରକାରଙ୍କ ଯୋଜନାର ସୁଫଳ ଜନସାଧାରଣ ପାଇବାରୁ ବଞ୍ଚିତ ହେଉଥିବା ବେଳେ ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁଁ ଖୁବ କମ ଦିନରେ ପୋଲ ଭାଙ୍ଗି ଯାଉଛି। ଏ ସମ୍ପର୍କରେ କଣ୍ଟାମାଳସ୍ଥିତ ବିଭାଗୀୟ ଯନ୍ତ୍ରୀ ହେମ୍ବ୍ରମ ବାବୁଙ୍କୁ ପଚାରିବାରୁ ଏଭଳି କୌଣସି ନିମ୍ନମାନର ନିର୍ମାଣ କାର୍ଯ୍ୟ ହେଉ ନ ଥିବା କହିଥିଲେ।



## ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ବିକ୍ଷୋଭ



**ବୌଦ୍ଧ, ୧।୩(ସମିସ):** ଅଲ୍ ଓଡିଶା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘ ବୌଦ୍ଧ ଜିଲ୍ଲା ଶାଖା ପକ୍ଷରୁ ମଣ୍ଡଳ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୮ ଦଫା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅଧିକ ପାରିଶ୍ରମିକ ପ୍ରଦାନ, କର୍ମଚାରୀଙ୍କ ଦରମା ବୃଦ୍ଧି, ଡାକ୍ତରଖାନାରେ ସେମାନଙ୍କ ବିଶ୍ରାମ କକ୍ଷ ବ୍ୟବସ୍ଥା କରିବା, ଆମ୍ବୁଲାନସକୁ ଧୋଇବା ଓ ସାନିଟାଇଜ କରିବାକୁ ସରଞ୍ଜାମ ଦିଆଯିବା, କର୍ମକ୍ଷେତ୍ରରେ କର୍ମଚାରୀମାନେ ଆକ୍ରୋଶର ଶିକାରହେଲେ କଂପାନୀ କିମ୍ବା ସରକାରୀ କର୍ତ୍ତୃପକ୍ଷ ସହଯୋଗ କରୁ ନଥିବାରୁ ଏହାର ସମାଧାନ ଇତ୍ୟାଦି ଦାବି ରହିଛି। ସଂଘର ରାଜ୍ୟ ସମ୍ପାଦକ ରାମଚନ୍ଦ୍ର ଆଚାର୍ଯ୍ୟଙ୍କ ସହ ବୌଦ୍ଧ ଜିଲ୍ଲା ଶାଖା ସଭାପତି ଯୁବରାଜ କହଁର, ସମ୍ପାଦକ ଚିତ୍ତରଞ୍ଜନ ମହାରଣା ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

## ୪ଟି ଜଳଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର




**ବୌଦ୍ଧ, ୧।୩(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ବୌଦ୍ଧ ସହରାଞ୍ଚଳ ପାଇଁ ଡ୍ରିଙ୍କ ଫ୍ରମ୍ ଟ୍ୟାପ ଯୋଜନାରେ ୪ଟି ଉତ୍ତଳ ପାନୀୟଜଳ ଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବୌଦ୍ଧ ଏନଏସି ପକ୍ଷରୁ ଟାଉନ୍ ହଲ୍ ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଉପାଧ୍ୟକ୍ଷା ଶୁଭାସିନୀ ସେଠୀ, ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ନିରଞ୍ଜନ ନାଏକ, ମର୍ଯ୍ୟାକୁଦ କାଉନସିଲର ରାଧେଶ୍ୟାମ ସେଠୀ, କାଉନସିଲର ସନ୍ତୋସିନୀ ନେପାକଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ଜନସାଧାରଣ ଉପସ୍ଥିତ ଥିଲେ।

### ଜାତୀୟ ଟିକାକରଣ ଦିବସ ପାଳନ ପ୍ରସ୍ତୁତି

# ପଲ୍‌ସ୍ ପୋଲିଓ ସଚେତନତା ରଥର ଶୁଭାରମ୍ଭ




**ଡୁଙ୍ଗୁରିପାଲି,୧।୩(ସମିସ)**

ଆସନ୍ତା ୩ ତାରିଖରେ ହେବାକୁ ଥିବା ପଲସ୍ ପୋଲିଓ ବୁନ୍ଦା ଖାଇବା ପାଇଁ ବ୍ୟାପକ ପ୍ରଚାର ପ୍ରସାର ପାଇଁ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ବିଭିନ୍ନ ଅଙ୍ଗନବାଡି କେନ୍ଦ୍ର, ବିଦ୍ୟାଳୟ, ବସଷ୍ଟାଣ୍ଡ, ରେଳ ଷ୍ଟେସନ ଇତ୍ୟାଦି ସ୍ଥାନରେ ଜନ୍ମରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ପୋଲିଓ ବୁନ୍ଦା ଖୁଆଯିବ। ଡା. ଆଲୋକ ରଂଜନ ପଣ୍ଡା ସବୁଜ ପତାକା ଦେଖାଇ ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ। ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ଶେଷଦେବ ଥନାପତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବିପିଏମ୍ ନାରାୟଣ ମେହେର, ଅର୍ଥ ପରିଚାଳକ ପ୍ରଦୀପ ସାହୁ, ଗୋଷ୍ଠୀ କୁଷ୍ଠ ନୋଡାଲ କର୍ମୀ ପ୍ରଭାଷ ପଧାନ, ଯକ୍ଷ୍ମା ପରିଦର୍ଶକ କୁମୁଦ ବଲ୍ଲଭ ନାୟକ, ନର୍ସିଂ ଅଧିକାରୀ ଆରତି ମିଶ୍ର, ରୋଜି ଘିବେଲା, ଫାର୍ମାସିଷ୍ଟ ରବିନ୍ଦ୍ର ମହାନ୍ତି, ତଥ୍ୟ ପରିଚାଳକ ଗଦାଧର ବାରିକ, ନେତ୍ରାନନ୍ଦ ଗୁରୁ, ହିମାଂଶୁ ଦୀପ, ଉପନ ଏବଂ ଅନ୍ୟାନ୍ୟ ଜନସାଧାରଣ ଉପସ୍ଥିତ ଥିଲେ।

## ୫୨,୪୦୧ ଜଣ ଶିଶୁ ପୋଲିଓ ବୁନ୍ଦା ଖାଇବେ

**ସୋନପୁର, ୧।୩ (ସମିସ):** ଆସନ୍ତା ମାର୍ଚ୍ଚ ୩ ତାରିଖ ରବିବାର ଜାତୀୟ ସ୍ତରରେ ଆୟୋଜିତ ହେଉଥିବା ଟିକାକରଣ ଦିବସକୁ ଜିଲ୍ଲାରେ ସଫଳତାର ସହ ପାଳନ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟସମିତି ତରଫରୁ ସ୍ୱାସ୍ଥ୍ୟ ବିଭାଗର ପ୍ରଶିକ୍ଷଣ କକ୍ଷଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏନେଇ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। ଶତ ପ୍ରତିଶତ ଟିକାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ସଂପୂର୍ଣ୍ଣ ପ୍ରସ୍ତୁତ



ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଂଜନ ପତି ସୂଚନା ଦେଇଥିଲେ। ଜନ୍ମରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁ ପୋଲିଓ ବୁନ୍ଦା ଖାଇବେ। ଯେଉଁମାନେ ୩ ମାର୍ଚ୍ଚ ଦିନ ପୋଲିଓ ବୁନ୍ଦା ଖାଇବାରୁ ବଞ୍ଚିତ ହେବେ ସେମାନଙ୍କୁ ୪ ଓ ୫ ମାର୍ଚ୍ଚ ଦିନ ଆଶା ଦିଦିମାନେ ଘରକୁ ଯାଇ ପୋଲିଓ ବୁନ୍ଦା ଖୁଆଇବେ। ଜିଲ୍ଲାର ୫୨,୪୦୧ ଜଣ ଶିଶୁ ପଲ୍ସ ପୋଲିଓ ଖାଇବେ। ଏଥିପାଇଁ ୧୨୮୦ ଜଣ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ ରହିବେ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡାକ୍ତର ମଞ୍ଜୁରାଣୀ ସିଂ ଉପସ୍ଥିତ ଥିଲେ। ଏଡିପିଏଚଓ ବୃନ୍ଦାବନ ସାହୁ ଓ ଡେପ୍ୟୁଟି ମ୍ୟାନେଜର ଆରସିଏଚ ସୁଧାଂଶୁ ଶେଖର ନାୟକ ପରିଚାଳନା କରିଥିବା ବେଳେ ସନ୍ତୋଷ ସାହୁ, ସଞ୍ଜୟ ପଣ୍ଡା, ପ୍ରମୋଦ ସାହୁ, ଗୀତାଞ୍ଜଳି ମେହେର ଓ କ୍ଷୀରୋଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ● ମୁମୂର୍ଷୁ ଅବସ୍ଥାରେ ଅସହାୟ ଯୁବତୀ

## ପାଖରେ କେହି ନାଇଁ, ଉଦ୍ଧାର ଦାବି

**ଶଗଡା, ୧।୩(ସମିସ):** କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଗୁଡ଼ଭେଲି ପଦର ଗ୍ରାମରେ ଜଣେ ଯୁବତୀ ଦୀର୍ଘ ୬ ମାସ ହେବ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ଅଛନ୍ତି। ସେ ମୁମୂର୍ଷୁ ଅବସ୍ଥାରେ ପଡ଼ି ରହୁଥିଲା ବେଳେ ପାଖରେ ତାଙ୍କ ସ୍ୱଜନ, ପ୍ରିୟଜନ ବୋଲି କେହି ନଥିବାରୁ ଅସହାୟ ଭାବେ ପଡ଼ି ରହିଛନ୍ତି। ତାଙ୍କୁ ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯାଇ ତୁରନ୍ତ ଚିକିତ୍ସା ସହ ଥଇଥାନ କରାଯିବାକୁ ବିଭିନ୍ନ ଦାବି ହେଉଛି। ଉକ୍ତ ଯୁବତୀ ହେଉଛନ୍ତି ସେହି ଗାଁର ସୀମା ସାହୁ (୪୨)। ସରକାରୀ ପ୍ରାଥମିକ ବିଦ୍ୟାଳୟରେ ରୋଷେୟା ଭାବରେ କାର୍ଯ୍ୟ କରୁଥିଲେ। ମାଆ ଓ ବଡ଼ ଭଉଣୀ ସହ ସୀମା ଘରେ ରହୁଥିଲେ। ଗତ ୪ବର୍ଷ ହେବ ମାଆ ଆରପାରିକୁ ଚାଲି ଯାଇଥିଲେ। ଦୁଇ ବର୍ଷ ପରେ ବଡ଼ ଭଉଣୀ ମଧ୍ୟ ଆରପାରିକୁ ଚାଲିଗଲା। ସୀମା ଘରେ ଏକା ରହୁଥିବା ବେଳେ ମାଆ ଓ ବଡ଼ ଭଉଣୀକି ଝୁରି ଝୁରି ରୋଗାକ୍ରାନ୍ତ ହୋଇ ଘରେ ପଡ଼ି ରହିଲେ। ଏବେ ସବୁବେଳେ ଘରେ ଶୋଇ ରହୁଛନ୍ତି। ଆହା ପଦେ କହିବା ସହ ଭଲମନ୍ଦ ବୁଝିବାକୁ ନିଜର ବୋଲି କେହି ନାହାନ୍ତି। ଏପରିକି ନିଜ ଖାଇବା ପାଇଁ ରୋଷେଇ ମଧ୍ୟ କରି ପାରୁ ନ ଥିବାରୁ ପଡୋଶୀଙ୍କ ଉପରେ ନିର୍ଭର କରି ତାଙ୍କ ଦେଉଥିବା ଖାଦ୍ୟରେ ବଞ୍ଚିଛନ୍ତି। ଏଭଳି ପରିସ୍ଥିତିରେ ତାଙ୍କୁ ସରକାରୀ କିମ୍ବା କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଡାକ୍ତରଖାନା ନେଇ ଚିକିତ୍ସା କରାଗଲେ ସେ ପୁଣି ସ୍ୱାଭାବିକ ଜୀବନ ବଞ୍ଚି ପାରିବେ ବୋଲି ଗ୍ରାମବାସୀ ଆଶା କରିଛନ୍ତି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରୁଛନ୍ତି।



